RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -264 | ସଂଖ୍ୟା-୨୬୪
ଭୁବନେଶ୍ୱର, ରବିବାର ୦୪ ଜାନୁଆରୀ ୨୦୨୬
Bhubaneswar, Sunday 04 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଜାନକୀବଲ୍ଲଭ ଥିଲେ ଦୁଇଟି ଦିଗରୁ ପ୍ରଣମ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।(ନି.ପ୍ର.): ରାଜ୍ୟ ରାଜନୀତିରେ ଅନେକଙ୍କ ପାଇଁ ଜାନକୀବଲ୍ଲଭ ହେଉଛନ୍ତି ଜଣେ ପ୍ରେରଣାଦାୟୀ ଗୁରୁ। ତାଙ୍କ ଜୀବନୀରୁ ସମସ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି, କୌଣସି ସମସ୍ୟାରେ ବିଚଳିତ ନହୋଇ ନିଜ କର୍ମମୟ ଜୀବନରେ ଆଗକୁ ବଢି ଚାଲିବା। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟନାମ। ଆଜି ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡିଆରେ ଆୟୋଜିତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ଜାନକୀ ବଲ୍ଲଭ ହେଉଛନ୍ତି ଦୁଇଟି ଦିଗରୁ ପ୍ରଣମ୍ୟ। ପ୍ରଥମଟି ତାଙ୍କ ସାରସ୍ୱତ ଓ ସଂସ୍କୃତି ସଚେତନ ବ୍ୟକ୍ତିତ୍ୱ । ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି । ଦ୍ୱିତୀୟଟି ତାଙ୍କ ନେତୃତ୍ୱର ଦିଗ । ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା ବଳରେ, ନିଜର ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ ଦୀର୍ଘଜୀବୀ କରିପାରିବ ବୋଲି ସେ ପ୍ରମାଣ କରିଛନ୍ତି। ତାଙ୍କର ସ୍ଥିତପ୍ରଜ୍ଞ ଗୁଣ ତାଙ୍କୁ ରାଜନୀତିରେ ଜଣେ ଧୂରନ୍ଧର ବ୍ୟକ୍ତିତ୍ୱଭାବେ ପ୍ରତିଷ୍ଠା ପ୍ରଦାନ କରିଥିଲା।



ଜାନକୀବଲ୍ଲଭ ପଟ୍ଟନାୟକ ଜଣେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ପ୍ରତିଷ୍ଠିତ ରାଜନେତା, କୃତବିଦ୍ୟ ସାମ୍ବାଦିକ ଓ ସମ୍ପାଦକ, ସାରସ୍ୱତ ସାଧକ, ଅନୁବାଦକ ଏବଂ ପ୍ରସିଦ୍ଧ ପ୍ରାଚ୍ୟ-ବିଦ୍ୟା ବିଶାରଦ ।

ଜାନକୀବଲ୍ଲଭ ପଟ୍ଟନାୟକଙ୍କ ରାଜନୈତିକ ଜୀବନ ଉପରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜାନକୀ ବାବୁଙ୍କ ରାଜନୈତିକ ଜୀବନ ଥିଲା ଘଟଣାବହୁଳ। ୧୯୭୧ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଜାନକୀ ବାବୁଙ୍କ ରାଜନୈତିକ ଇଂନିଙ୍ଗସ ଥିଲା ଉଲ୍ଲେଖନୀୟ। ସେ କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି । ଆମ ଓଡ଼ିଶାର ତିନି ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ବିରୋଧୀ ଦଳ ନେତା ଭାବରେ ପ୍ରଭାବୀ କାର୍ଯ୍ୟ କରିଛନ୍ତି। ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଆସାମ ପ୍ରଦେଶର ରାଜ୍ୟପାଳ ଭାବରେ ଦାୟିତ୍ୱ ନେଇଛନ୍ତି। ଛାତ୍ର ରାଜନୀତିରେ ମଧ୍ୟ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା ବୋଲି ସେ କହିଥିଲେ।

ସେ ପୁଣି କହିଥିଲେ, ସାମ୍ବାଦିକତା ଓ ସାହିତ୍ୟର ରସାୟନ ଥିଲା ଜାନକୀବଲ୍ଲଭଙ୍କ ସହଜାତ ପ୍ରବୃତ୍ତି । ସେଥିପାଇଁ ୧୯୪୯ ମସିହାରୁ ସେ ସାମ୍ବାଦିକତାକୁ ବ୍ରତ ଓ ବୃତ୍ତି ଭାବରେ ଗ୍ରହଣ କରିଥିଲେ । ତରୁଣ ବୟସରେ ଦୁଇଟି ସମ୍ବାଦପତ୍ରର ସମ୍ପାଦକ ଦାୟିତ୍ୱ ନେବାର ଗୌରବ ଥିଲା ଏକ ବିରଳ ସଫଳତା। ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜଣେ ଉଚ୍ଚାଙ୍ଗ ସାହିତ୍ୟ ସାଧକ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୫୬ ମସିହାରେ ଜାନକୀ ବାବୁ ଲେଖିଥିବା 'ଗୌତମ ବୁଦ୍ଧ' ପୁସ୍ତକଟି ଥିଲା ତାଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ସାହିତ୍ୟିକ କୃତି । ପରେ ସେ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତର ଓଡ଼ିଆ ଗଦ୍ୟାନୁବାଦ କରିଥିଲେ। କବି ଭର୍ତ୍ତୃହରିଙ୍କ ଲିଖିତ 'ଶୃଙ୍ଗାର ଶତକ', 'ନୀତି ଶତକ' ଓ 'ବୈରାଗ୍ୟ ଶତକ'ର ଅନୁବାଦ ତାଙ୍କର ଅନବଦ୍ୟ ସଫଳତା । ଆସାମର ରାଜ୍ୟପାଳ ଭାବରେ ତାଙ୍କ ଅଭିବ୍ୟକ୍ତିଗୁଡିକ ମଧ୍ୟରେ 'ଆସାମରୁ ଲେଖୁଛି' ଓ ଆତ୍ମଜୀବନୀର ଅଂଶ 'ଅସମାପ୍ତ ଆତ୍ମଲିପି' ରେ ମଧ୍ୟ ସେ ସାରସ୍ୱତ ଦୃଷ୍ଟିଭଙ୍ଗୀର ପ୍ରମାଣ ମିଳେ। ସେ ଆହୁରି କହିଥିଲେ, ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଏହି ପାଣ୍ଡିତ୍ୟ ପାଇଁ ସେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପ୍ରଜ୍ଞାନ ବାଚସ୍ପତି ଓ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରୁ ଡ଼ି. ଲିଟ ଉପାଧି ଲାଭ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ହିସାବରେ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିଥିଲେ । ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି । ଜାନକୀବଲ୍ଲଭ ଥିଲେ ଅସାଧାରଣ ବିଦ୍ୱାନ ଓ ବାଗ୍ମୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି

ପୁରୀ: ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପୁଣି ଦେଖିବାକୁ ମିଳିଛି ତ୍ରୁଟି। ଜୋତା ପିନ୍ଧି ଶ୍ରୀମନ୍ଦିର ଭିତରକୁ କେହି ଜଣେ ଚାଲିଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଯାହା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଏହା ସହିତ ଶ୍ରୀମନ୍ଦିର ଭିତରକୁ ବ୍ୟକ୍ତି ଜଣଙ୍କ କିପରି ଜୋତା ପିନ୍ଧି ଯାଇଥିଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଆଉ ଉକ୍ତ କାର୍ଯ୍ୟରତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।ସୂଚନା ଅନୁସାରେ, ଶନିବାର ପୂର୍ବାହ୍ନ ସମୟରେ ଜଣେ ସେବକ ଶ୍ରୀମନ୍ଦିର ଭିତରୁ ହାତରେ ଜୋତା ଧରି ବାହାରକୁ ଆସିଥିଲେ। ସେ ଅଭିଯୋଗ କରିଛନ୍ତି ଯେ, କେହି ଜଣେ ବ୍ୟକ୍ତି ଜୋତା ପିନ୍ଧି ମନ୍ଦିରକୁ ପ୍ରବେଶ କରିଛନ୍ତି। ସେ ଜୋତାକୁ ଭୋଗ ମଣ୍ଡପ ଦ୍ୱାର ନିକଟରେ ରଖାଯାଇଥିବା ଦେଖିବାକୁ ପାଇଥିଲେ । ସେଠାରେ ଜୋତା ଥିବା ଦେଖି ଉକ୍ତ ଜୋତାକୁ ହାତରେ ଧରି ବାହାରକୁ ଆଣିଛନ୍ତି। ତେବେ ସିସିଟିଭି ଫୁଟେଜ ଦେଖିଲେ ଜଣାପଡିବ ଯେ କେଉଁ ବ୍ୟକ୍ତି ଜୋତା ପିନ୍ଧି ମନ୍ଦିର ମଧ୍ୟକୁ ଯାଇଛନ୍ତି।

# ଏନ୍‌କାଉଣ୍ଟରରେ ୧୪ ନକ୍ସଲ ନିହତ

ନୂଆଦିଲ୍ଲୀ,୩୧: ଛତିଶଗଡର ବସ୍ତର ଅଞ୍ଚଳରେ ଶନିବାର ଦୁଇଟି ପୃଥକ ଏନ୍‌କାଉଣ୍ଟରରେ ୧୪ ଜଣ ନକ୍ସଲ ନିହତ ହୋଇଛନ୍ତି। ସୁକମା ଜିଲ୍ଲାରେ ହୋଇଥିବା ଏନ୍‌କାଉଣ୍ଟରରେ ୧୨ ଜଣ ନକ୍ସଲ ନିହତ ହୋଇଥିବା ବେଳେ ବିଜାପୁର ଜିଲ୍ଲାରେ ୨ ଜଣ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଏକାଧିକ ଏକେ-୪୭ ରାଇଫଲ, ଇନ୍‌ସାସ୍ ରାଇଫଲ ଓ ସେଲ୍‌ଫ-ଲୋଡିଂ ରାଇଫଲ ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି ସୁରକ୍ଷାକର୍ମୀ।

ସୁକମା ଓ ବିଜାପୁରରେ କ୍ୟାଡର ନକ୍ସଲଙ୍କ ଉପସ୍ଥିତି ନେଇ ନିର୍ଦ୍ଦିଷ୍ଟ ଭାବେ ଗୁଇନ୍ଦା ସୂଚନା ମିଳିବା ପରେ ଗତକାଲି ସନ୍ଧ୍ୟାରୁ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ। ଏଥିରେ ସାମିଲ ହୋଇଥିଲେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡର ଯବାନମାନେ।

ଆଜି ଭୋର ପ୍ରାୟ ୫ଟା ବେଳେ ବିଜାପୁର ଜିଲ୍ଲାର ବାସାଗୁଡା ଥାନା ଗଗନପଲ୍ଲୀ ଗାଁ ପାଖ ଜଙ୍ଗଲରେ ନକ୍ସଲଙ୍କ ସହିତ ମୁହାଁମୁହିଁ ହୋଇଥିଲେ ଡିଆରଜି ଯବାନ। ଉଭୟ ପକ୍ଷ ମଧ୍ୟରେ ସେଠାରେ ଗୁଳି ବିନିମୟ ହୋଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିମାଡରେ ୨ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମୃତଦେହକୁ ଜବତ କରାଯାଇଛି। ଘଟଣାସ୍ଥଳରୁ ଗୋଟିଏ ଏସ୍‌ଏଲଆର ଓ ଗୋଟିଏ ୧୨-ବୋର୍ ରାଇଫଲ ଜବତ କରାଯାଇଛି। ଆଖପାଖ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ସର୍ଚ୍ଚ ଅପରେସନ ଜାରି ରହିଛି।



ସେହିପରି ସକାଳ ପ୍ରାୟ ୮ଟା ବେଳେ ସୁକମା ଜିଲ୍ଲାର କିସ୍ତାରାମ ଥାନା ଅନ୍ତର୍ଗତ ପାଲୋଡି ଓ ପୋଟାକପଲ୍ଲୀ ଅଞ୍ଚଳରେ ସର୍ଚ୍ଚ ଅପରେସନ କରୁଥିବା ଡିଆରଜି ଟିମ୍ ସହିତ ନକ୍ସଲଙ୍କ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ସେଠାରେ ୧୨ ଜଣ ନକ୍ସଲ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହଗୁଡିକ ଜବତ କରାଯାଇଛି। ଘଟଣାସ୍ଥଳରୁ ଏକେ ୪୭, ଇନ୍‌ସାସ୍ ରାଇଫଲ ସମେତ ଅନେକ ଅଟୋମେଟିକ୍ ୱିପନ୍ ଜବତ କରାଯାଇଛି। ଏହି ଏନ୍‌କାଉଣ୍ଟରରେ ନକ୍ସଲଙ୍କ କୋଣ୍ଟା ଏରିଆ କମିଟି ମୂଳପୋଛ ହୋଇଯାଇଛି ବୋଲି ଛତିଶଗଡ ପୁଲିସ ପକ୍ଷରୁ କୁହାଯାଇଛି।

ଗତ ବର୍ଷ ଛତିଶଗଡରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨୮୫ ଜଣ ନକ୍ସଲ ନିହତ ହୋଇଥିଲେ। ଅନ୍ୟପକ୍ଷରେ ନକ୍ସଲଙ୍କ ସ୍ୱଶାଳ ଜୋନାଲ କମିଟିର ମୋଷ୍ଟ ୱାଣ୍ଟେଡ ସଦସ୍ୟ ଦେବ ବାର୍ଷ ଆଜି ୨୦ ଜଣ ସମର୍ଥକଙ୍କ ସହିତ ହାଇଦ୍ରାବାଦରେ ଆତ୍ମସମର୍ପଣ କରିଛି।

## ପୁଣି ଜୀବନ ନେଲା ଆମ ବସ୍

### ଅଟୋ ଚାଳକଙ୍କ ମୃତ୍ୟୁ

ଭୁବନେଶ୍ୱର,୩୧(ନି.ପ୍ର.): ପୁଣି ଆଉ ଏକ ଜୀବନ ନେଲା ଆମ ବସ୍। ରାଜଧାନୀ ସ୍ଥିତ ରୂପାଲି ଛକରେ ଦେଖିବାକୁ ମିଳିଛି ଭୟଙ୍କର ମର୍ମନ୍ତୁଦ ଦୁର୍ଘଟଣା। ଅଟୋଟି ରାସ୍ତାରେ ଯାଉଥିବା ବେଳେ ପଛପଟରୁ ଧକ୍କା ଦେଇଥିଲା ଆମ ବସ୍, ଫଳରେ ଅଟୋଟି ମାଡ ହୋଇ ସମ୍ପୂର୍ଣ୍ଣ ଚେପା ହୋଇଯାଇଥିଲା। ଅଟୋରେ ମୋଟ ତିନି ଥିବା ବେଳେ, ଚାଳକଙ୍କର ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି ଓ ଜଣେ ମହିଳା ଯାତ୍ରୀ ଗୁରୁତର ହୋଇଛନ୍ତି।



ସୂଚନା ଅନୁସାରେ, ରୁଟ୍ ନମ୍ବର ୩୨ରେ ଯାଉଥିବା 'ଆମ ବସ୍'ଟି ରୂପାଲି ଛକରେ ଏକ ଅଟୋକୁ ଜୋରଦାର ଧକ୍କା ଦେଇଥିଲା। ଯାହାଫଳରେ ଅଟୋଟି ଭାରସାମ୍ୟ ହରାଇ ଆଗରେ ଥିବା ଏକ ସ୍କୁଲ ବସ୍‌କୁ ପିଟି ଥିଲା । ଏହି ଦୁର୍ଘଟଣା ଜଣଙ୍କର ମୃତ୍ୟୁ ହୋଇଥିବା ଜଣେ ଆହତ ହୋଇଥିବା ଜଣାପଡିଛି । ତେବେ ଦୁର୍ଘଟଣା ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଭାଙ୍ଗି ଦେଇଛନ୍ତି। ସେପଟେ ଦୁର୍ଘଟଣା ସଂପର୍କରେ ଖବର ପାଇ କମିଶନରେଟ୍ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତା ଅବରୋଧକୁ ହଟାଇବା ପାଇଁ ଉଦ୍ୟମ କରୁଛନ୍ତି

## ଚିଲିକା ପାଇଁ ଡିପିଆର



ଖୋର୍ଦ୍ଧା,୩୧(ନି.ପ୍ର.): ଚିଲିକାର ହେବ ନବକଳେବର। ଚିଲିକାର ବଦଳବି ରୂପରେଖ। ଚିଲିକାର ଚତୁଃପାର୍ଶ୍ୱକୁ କରାଯିବ ସୌନ୍ଦର୍ଯ୍ୟକରଣ। ସମ୍ପୂର୍ଣ୍ଣ ଅବରୋଧ ମୁକ୍ତ କରାଯିବ ଚିଲିକା। ୧୫୦୦ରୁ ୨ ହଜାର କୋଟିର ଉଚଜ ଚିଲିକା ପାଇଁ ପ୍ରସ୍ତୁତ ହେଉଛି ବୋଲି କହିଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଚିଲିକା ହ୍ରଦ ବିଶ୍ୱ ପରିଚିତ ତେଣୁ ଚିଲିକା ଆଉଥରେ ପୁନର୍ଜୀବିତ କରାଯିବ। ଆଇଆଇଟି ମାଡ୍ରାସ୍ ଓସନୋଗ୍ରାଫି ସହିତ ଚିଲିକା ଉନ୍ନୟନ ପରିଷଦ ତରଫରୁ ବୁଝାମଣା ସ୍ୱାକ୍ଷରିତ ହୋଇଛି । ଖୁବଶୀଘ୍ର ଏଥିପାଇଁ ଉଚଜ ପ୍ରସ୍ତୁତ ହେଉଛି ।ସୂଚନା ଅନୁସାରେ, ଏ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବା ନେଇ ଏକ ରିପୋର୍ଟ ଉପସ୍ଥାପନ କରାଯାଇଛି। ପୂର୍ତ୍ତ ମନ୍ତ୍ରୀଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ପୁରୀ ସାଂସଦ ସମ୍ବିତ ପାତ୍ର, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଓ ଆଇଆଇଟି ମାଡ୍ରାସ୍ ଉପସ୍ଥିତ ଥିଲେ। ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଖୁବଶୀଘ୍ର ପୂରଣ ହେବ ଖାଲିପଡ଼ିଥିବା ପଦବୀ

ଭୁବନେଶ୍ୱର,୩୧(ନି.ପ୍ର.): ଆମ ଯୁବଶକ୍ତି ହେଉଛନ୍ତି ଆମ ବିକଶିତ ଓଡ଼ିଶାର ସାରଥି। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସଫଳତାର ପଥକୁ ପ୍ରଶସ୍ତ କରିବା ପାଇଁ ଆମ ସରକାର ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ଅନୁରୋଧ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଓପିଏସ୍‌ସି ଦ୍ୱାରା

### ଓପିଏସ୍‌ସିକୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ

ପ୍ରକାଶିତ ସିଭିଲ୍ ସର୍ଭିସେସ୍ ପରୀକ୍ଷା-୨୦୨୫ ବିଜ୍ଞପ୍ତିରେ ଓଏଏସ୍ ଓ ଓଆରଏସ୍ ଭଳି ଗୁରୁତ୍ୱପୂର୍ଣ୍ଣ କ୍ୟାଡରରେ ପଦବି ନଥିବା ଯୋଗୁଁ ଆଶାୟୀ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ସମ୍ପର୍କରେ ମୁଁ ଅବଗତ ହୋଇଥିଲି। ପିଲାମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ଏହି ସବୁ ପଦବି ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲି। ଆମ ସରକାର ଏହି ପରୀକ୍ଷାରେ ଅତିରିକ୍ତ ୧୫୧ଟି ପଦବି ସାମିଲ କରିବାକୁ ଓପିଏସ୍‌ସିକୁ ଅନୁରୋଧ କରିଛନ୍ତି। ସମସ୍ତ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି।



ସୂଚନାଯୋଗ୍ୟ, ଓଡିଶା ଲୋକସେବା ଆୟୋଗ ପକ୍ଷରୁ ନିକଟରେ ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷା-୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ମୋଟ ୩୧୪ ପଦବି ମଧ୍ୟରୁ କେବଳ ୧୨ ପଦବି ଓଡ଼ିଶା ପୁଲିସ ସେବା ପାଇଁ ଗ୍ରୁପ୍ ଇରେ ଅଛି। ସର୍ବାଧିକ ୧୭୬ ପଦବି ହେଉଛି ଗ୍ରୁପ୍ ବି ଅନ୍ତର୍ଗତ ଓଟିଏଏସ ପାଇଁ। ଏହି ପଦବିଗୁଡ଼ିକ ମଧ୍ୟରୁ ଅନେକ ପଦବି ପୂର୍ବରୁ ଖାଲି ଥିଲା। କାରଣ ମନୋନୀତ ପ୍ରାର୍ଥୀମାନେ ଯୋଗ ଦେଇ ନଥିଲେ। ଏଥିରେ କିନ୍ତୁ ଓଡିଶା ପ୍ରଶାସନିକ ସେବା (ଓଏଏସ୍) ଓ ଓଡିଶା ରାଜସ୍ୱ ସେବା (ଓଆରଏସ୍) ଭଳି କେତେକ କ୍ୟାଡର ନେଇ କେଣସି ଉଲ୍ଲେଖ ନଥିଲା। ୭ଟି ସେବାର ୩୧୪ଟି ପଦବି ପୂରଣ ପାଇଁ ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପଦବି ପାଇଁ ଉଲ୍ଲେଖ ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତୁରନ୍ତ ହସ୍ତକ୍ଷେପ କରି ଏହି ସବୁ ପଦବି ସମ୍ପର୍କରେ ସମୀକ୍ଷା କରି ଖାଲି ପଦବି ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଓଡିଶା ପ୍ରଶାସନିକ ସେବା (ଓଏଏସ୍)ରେ ୧୪ଟି, ଓଡିଶା ରାଜସ୍ୱ ସେବା (ଓଆରଏସ୍)ରେ ୧୧୩ଟି, ଓଡିଶା ପରିବହନ ସେବା (ଓଟିଏସ୍)ରେ ୧୬ଟି ଓ ଓଡିଶା ମଙ୍ଗଳ ସେବା (ଓଡବ୍ଲ୍ୟୁଏସ୍)ରେ ୮ଟି ପଦବି ପୂରଣ ପାଇଁ ଓଡିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବି ପାଇଁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବକ ଯୁବତୀ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ପାଇରିବେ ବୋଲି ଆଶା କରାଯାଉଛି।

## ତାଳଚେର ଓ ଅନୁଗୁଳ ଅଧିକ ପ୍ରଦୂଷିତ

ଭୁବନେଶ୍ୱର,୩୧(ନି.ପ୍ର.): ପ୍ରଦୂଷଣରେ ରେକର୍ଡ ଭାଙ୍ଗିଲା ଓଡିଶା । ଲଗାତାର ଦୁଇ ଦିନ ହେଲା ଓଡିଶାର ତାଳଚେର ଓ ଅନୁଗୁଳ ସବୁଠୁ ଅଧିକ ପ୍ରଦୂଷିତ ସହର ପାଲଟିଛି । ଆଜି ସକାଳ ୮ଟା ସୁଦ୍ଧା ୩୦୦ରୁ ଅଧିକ ଏକ୍ୟୁଆଇ ସହ ବାୟୁର ମାନ ଅତି ଖରାପ ସ୍ତରରେ ଥିବା ଦେଶର ୫ସହର ମଧ୍ୟରେ ରହିଛନ୍ତି ଓଡିଶାର ୪ଟି ସହର ରହିଛି । ୩୫୫ଏକ୍ୟୁଆଇ ସହ ଆଜି ମଧ୍ୟ ତାଳଚେର ଦେଶର ସବୁଠୁ ଅଧିକ ପ୍ରଦୂଷିତ ସହର ହୋଇଥିବା ବେଳେ ୩୨୮ ଏକ୍ୟୁଆଇ ସହ ଅନୁଗୁଳ ଦ୍ୱିତୀୟ, ୩୨୨ ଏକ୍ୟୁଆଇ ସହ ବାରିପଦା ତୃତୀୟ ପ୍ରଦୂଷିତ ସହର ପାଲଟିଛି । ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ୩୦୩ ରହିଛି ।ତେବେ ଗତକାଲି ରାଜଧାନୀ ଦିଲ୍ଲୀରେ ବାୟୁର ମାନ ୨୩୬ ଥିଲା ବେଳେ ଆଜି ସକାଳ ୮ଟାରେ ୨୩୫ ରହିଛି । ସେହିପରି ଗତକାଲି ଦେଶର ୯ ପ୍ରଦୂଷିତ ସହର ମଧ୍ୟରେ ଥିଲା ଓଡ଼ିଶାର ୭ ସହର। ୩୮୦ ଏକ୍ୟୁଆଇ ସହ ଗତକାଲି ତାଳଚେର ଦେଶର ସବୁଠୁ ପ୍ରଦୂଷିତ ସହରର କୁଖ୍ୟାତି ଅର୍ଜିଥିବା ବେଳେ ୩୪୬ ଏକ୍ୟୁଆଇ ସହ ଅନୁଗୁଳ ଦେଶର ଦ୍ୱିତୀୟ ପ୍ରଦୂଷିତ ସହର ରହିଥିଲା ।



### ଡାହୁକ



ଯେତିକି ବଢୁଛି ରାଜ୍ୟରେ ଗରିବି
ଥିଲେ ମୁହେଁ ଟିକେ ଲାଜ
କହୁଥାନ୍ତା କ'ଣ ବିଜେପି ସର୍କାର
ପ୍ରଗତି ପଥରେ ରାଜ୍ୟ
ପୁଣି ଦର ଦାମ ବୋଝ
ମୁଣ୍ଡେଇବା କଷ୍ଟ ଚାଲିବା କେମିତି
ଭାବି ସର୍କାରକୁ ହେଜ।
-ବିଧୂ

# ଛଅ ମାସରେ ୧୮ ବ୍ୟାଙ୍କରେ ୩୪ ଲକ୍ଷ ଟଙ୍କାର ନକଲି ନୋଟ୍ ଠାବ

ନୂଆଦିଲର,୩୧ :ଦେଶରେ ନକଲି ନୋଟର ପ୍ରସାର ଏତେ ବୃଦ୍ଧି ପାଇଛି ଯେ ଏହି ନୋଟଗୁଡ଼ିକ ଏବେ ବ୍ୟାଙ୍କରେ ପହଞ୍ଚିବାରେ ଲାଗିଛି। ୧୮ଟି ବ୍ୟାଙ୍କରୁ ଅଭିଯୋଗ ଆସିବା ପରେ ଦିଲ୍ଲୀ ପୋଲିସ ଏହି ସମ୍ପର୍କରେ ମାମଲା ପଞ୍ଜିକୃତ କରିଛି। ବ୍ୟାଙ୍କଗୁଡ଼ିକ କହିଛନ୍ତି ଯେ ସେମାନେ ପ୍ରାୟ ୩୪ ଲକ୍ଷ ଟଙ୍କାର ୧୧,୦୦୦ ନକଲି ନୋଟ ପାଇଛନ୍ତି। ଏହି ମାମଲାଗୁଡ଼ିକ ଗତ ବର୍ଷ ଡିସେମ୍ବର ୩୧ ତାରିଖରେ ପଞ୍ଜିକୃତ ହୋଇଥିଲା। ଏହି ନୋଟଗୁଡ଼ିକ ଜାନୁଆରୀ ୧ ରୁ ଜୁନ୍ ୩୦ ମଧ୍ୟରେ ଉଦ୍ଧାର କରାଯାଇଥିଲା।

କେବଳ ଗୋଟିଏ ଘରୋଇ କ୍ଷେତ୍ରର ବ୍ୟାଙ୍କ ୪,୦୦୦ରୁ ଅଧିକ ନୋଟ ଜବତ କରିଥିଲା, ଯାହାର ମୋଟ ମୂଲ୍ୟ ପ୍ରାୟ ୧.୬ ଲକ୍ଷ ଟଙ୍କା। ଅନ୍ୟ ଏକ ବ୍ୟାଙ୍କ ୩,୨୭୪ ନକଲି ନୋଟ ପାଇଥିବା ରିପୋର୍ଟ କରିଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୫.୯ ଲକ୍ଷ ଟଙ୍କା। ଏହି ସମୟରେ, ଅନ୍ୟ ଏକ ବ୍ୟାଙ୍କ ୨.୯ ଲକ୍ଷ ଟଙ୍କା ମୂଲ୍ୟର ୭୮୨ ନକଲି ନୋଟ ଚିହ୍ନଟ କରିଛି।

ଏହା ବିଭିନ୍ନ ବ୍ୟାଙ୍କିଂ ଚ୍ୟାନେଲ ମାଧ୍ୟମରେ ନକଲି ଟଙ୍କାର ପ୍ରସାର ଜାରି ରହିଥିବା ସୂଚିତ କରେ। ଏହି ନୋଟଗୁଡ଼ିକୁ ଅଧିକ ପରୀକ୍ଷା ପାଇଁ ଫୋରେନସିକ୍ ଲ୍ୟାବକୁ ପଠାଯାଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତ୍ୟେକ ବ୍ୟାଙ୍କ ବର୍ଷକୁ ଦୁଇଥର ପୋଲିସକୁ ନକଲି ନୋଟ୍ ବିଷୟରେ ରିପୋର୍ଟ କରିବା ଆବଶ୍ୟକ।




ଗୋଟିଏ ବ୍ୟାଙ୍କ ରିପୋର୍ଟ କରିଛି ଯେ ନିୟମିତ ଯାଞ୍ଚ ପ୍ରକ୍ରିୟା ସମୟରେ ନକଲି ଟଙ୍କା ଚିହ୍ନଟ ହୋଇଥିଲା। ଅଧିକାରୀମାନେ କାଗଜର ଗୁଣବତ୍ତା, ସୁରକ୍ଷା ଷ୍ଟ୍ରିପ୍ ଏବଂ ୱାଟରମାର୍କ ସମେତ ପ୍ରମୁଖ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକ ଯାଞ୍ଚ କରିବା ସମୟରେ ଏଥିରେ ବିଭେଦ ଦେଖିଥିଲେ। ଉକ୍ତଚଉର ଧାରା ୧୮୦ (ନକଲି କିମ୍ବା ନକଲି ମୁଦ୍ରା, ସରକାରୀ ଷ୍ଟାମ୍ପ, କରେନ୍ସି ନୋଟ୍ କିମ୍ବା ନୋଟ୍ ରଖିବା) ଅନୁଯାୟୀ ମାମଲା ପଞ୍ଜିକୃତ ହୋଇଥିଲା।

ଜଣେ ବରିଷ୍ଠ ପୋଲିସ ଅଧିକାରୀ ବ୍ୟାଖ୍ୟା କରିଛନ୍ତି ଯେ ଅନେକ କ୍ଷେତ୍ରରେ, ତଦନ୍ତକାରୀମାନେ ନକଲି ନୋଟ୍ଗୁଡ଼ିକୁ ସତର୍କତାର ସହିତ ଲୁଚାଇ ରଖିଥିବା ପାଇଥିଲେ। ପରେ ସେଗୁଡ଼ିକୁ ବ୍ୟାଙ୍କରେ ଏପରି ଭାବରେ ଜମା କରାଯାଇଥିଲା ଯେ ସେଗୁଡ଼ିକୁ ଚିହ୍ନଟ କରିବା ଅତ୍ୟନ୍ତ କଷ୍ଟକର ହୋଇଯାଇଥିଲା। ତାଙ୍କ ଅନୁଯାୟୀ, ନକଲି ନୋଟଗୁଡ଼ିକୁ ପ୍ରକୃତ ନୋଟ୍ ସହିତ ମିଶ୍ରିତ କରାଯାଇଥିଲା, ଯାହା ଫଳରେ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହୋଇଯାଇଥିଲା ।ସେ ବ୍ୟାଖ୍ୟା କରିଛନ୍ତି ଯେ ଏହି ପଦ୍ଧତି ଯୋଗୁଁ, ନକଲି ନୋଟ୍ଗୁଡ଼ିକୁ ସେମାନଙ୍କର ମୂଳ ଉତ୍ସ ପର୍ଯ୍ୟନ୍ତ ଖୋଜିବା ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ପୋଲିସ ବ୍ୟାଙ୍କରେ ଏପରି ନୋଟ୍ ଜମା କରିଥିବା ଲୋକଙ୍କୁ ମଧ୍ୟ ପଚରାଉଚରା କରିଥିଲା, କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦାବି କରିଥିଲେ ଯେ ସେମାନେ କିପରି ନକଲି ଟଙ୍କା ହାସଲ କରିଥିଲେ ତାହା ଜାଣି ନଥିଲେ।

ପୋଲିସ ତଦନ୍ତ ସମୟରେ ସେମାନଙ୍କ ବୟାନକୁ ସମର୍ଥନ କରିଥିଲା। ଅନେକ କ୍ଷେତ୍ରରେ ମୁଖ୍ୟ ନେଟୱାର୍କ ସହିତ କୌଣସି ସିଧାସଳଖ ସଂଯୋଗ ସ୍ଥାପନ କରାଯାଇପାରିଲା ନାହିଁ, ଯାହା ସମଗ୍ର କାର୍ଯ୍ୟକୁ ଭାଙ୍ଗିବା ପାଇଁ ପ୍ରୟାସକୁ ଆହୁରି ଜଟିଳ କରିଦିଏ।



# ଏକତାର ଦୃଷ୍ଟାନ୍ତ ସୃଷ୍ଟି କରୁଛନ୍ତି ଶତପଥୀ ପରିବାର



**ଫୁଲନଖରା, ୩।୧ (ନି.ପ୍ର) :** ଆଜିର ବ୍ୟସ୍ତ ଓ ବିଭକ୍ତ ସମାଜରେ ପରିବାରିକ ଏକତା ଯେଉଁଠି ଦୁର୍ଲଭ ହୋଇପଡୁଛି । ସେଠାରେ ଶତପଥୀ ପରିବାର ସମାଜ ପାଇଁ ଏକ ଅନୁପମ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତିୟ ପରସ୍ପର ସମ୍ମାନ, ସହଯୋଗ ଓ ଭାଇଚାରାର ଭାବନାକୁ ଆଧାର କରି ସେମାନେ ଏକାଠି ରହି ସମସ୍ତ କାର୍ଯ୍ୟ ସଫଳତାର ସହିତ କରୁଛନ୍ତି । ପିତା ସ୍ୱର୍ଗତଃ ବୀର କିଶୋର ଶତପଥୀ ଓ ମାତା ସୀତା ସୁନ୍ଦରୀ ଶତପଥୀଙ୍କ ଠାରୁ ଜନ୍ମ ନିଅନ୍ତି ଚାରି ଝିଅ ଓ ତିନି ପୁଅ । ଚାରି ଝିଅ ଯଥା ବୀଣାପାଣି ନନ୍ଦ, ସୌଦାମିନୀ ଦାଶ, କାଦମ୍ବିନୀ ଦାଶ, ସ୍ମିତାରାଣୀ ରଥ, ଚାରି ଜୋଇଁ ବଲ୍ଲଭ ନନ୍ଦ, ପ୍ରଭାକର ନନ୍ଦ, ଲଳିତ କୁମାର ଦାଶ ଓ ସରୋଜ କୁମାର ରଥ, ତିନି ପୁଅ ଯଥା ମନୋରଞ୍ଜନ ଶତପଥୀ, ଲଳିତ ମୋହନ ଶତପଥୀ ଓ ଦୀପ୍ତି ରଞ୍ଜନ ଶତପଥୀ ଏବଂ ତିନି ପୁତ୍ର ବଧୂ ଶର୍ମିଷ୍ଠା ମିଶ୍ର, ବାଣୀଶ୍ରୀ ଶତପଥୀ, ପୂଜାଶ୍ରୀ ପଣ୍ଡା ସମେତ ନାତି ନାତୁଣୀ ପରିବାରଟି ପରିପୂର୍ଣ୍ଣ । ସୁଖ, ଦୁଃଖ, ଉତ୍ସବ, ସଙ୍କଟ ପ୍ରତ୍ୟେକ ମୁହୂର୍ତ୍ତରେ ପରିବାରର ସମସ୍ତ ସଦସ୍ୟ ଏକ ମଞ୍ଚରେ ଦଣ୍ଡାୟମାନ ହୋଇ ସମସ୍ୟାର ସମାଧାନ କରୁଛନ୍ତି । ଏହି ପରିବାରର ଏକତା ଓ ସମନ୍ୱୟ ନୂତନ ପିଢ଼ି ପାଇଁ ଏକ ପ୍ରେରଣା ସ୍ୱରୂପୟ ଶତପଥୀ ପରିବାରର ଏହି ଏକାଠି ରହିବାର ପରମ୍ପରା ସମାଜକୁ ଦୃଢ଼ ପାରିବାରିକ ମୂଲ୍ୟବୋଧର ସନ୍ଦେଶ ଦେଉଛି ଏବଂ ଆଗାମୀ ଦିନରେ ଅନେକ ପରିବାର ପାଇଁ ପଥପ୍ରଦର୍ଶକ ହେବ ବୋଲି ସାଧାରଣ ମତ ପ୍ରକାଶ ପାଇଛି ।

# ବିଶ୍ୱମ୍ଭର ବିଦ୍ୟାପୀଠରେ ପିଏମଶ୍ରୀ ଉତ୍ସବ ପାଳିତ

**ପୁରୀ ୩/୧ (ନି.ପ୍ର):** ଜାତୀୟ ଶିକ୍ଷା ନୀତି ର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନ ର ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀ ଙ୍କର ସର୍ବାଙ୍ଗୀନ ବିକାଶ ବୋଲି କହିଛନ୍ତି ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର । ଆଜି ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ପିଏମଶ୍ରୀ ଉତ୍ସବ ପାଳିତ ହୋଇଥିଲା । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଡା ପାତ୍ର ପାଠ ସହ ଅନ୍ୟାନ୍ୟ ଦିଗ ଯଥା କ୍ରିଡା, ସଂସ୍କୃତି, ଚିତ୍ରାଙ୍କନ, ବୈଷୟିକ ଜ୍ଞାନ ଇତ୍ୟାଦି କୁ ଗୁରୁତ୍ୱ ଦେଇ ଆଗକୁ ବଢିବା ପିଏମଶ୍ରୀ ବିଦ୍ୟାଳୟ ର ଉଦ୍ଦେଶ୍ୟଯଆମ ଜିଲ୍ଲା ରେ ୨୭ ଟି ପିଏମଶ୍ରୀ ବିଦ୍ୟାଳୟ ହୋଇଛି । ୨୦୩୬ ମସିହା କୁ ବିକଶିତ ଓଡିଶା ଓ ୨୦୪୭କୁ ବିକଶିତ ଭାରତର ପରିକଳ୍ପନା କୁ ଆମ ସମସ୍ତଙ୍କ ଉଦ୍ୟମ ରେ ସଫଳ କରିବା ବୋଲି ସେ କହିଥିଲେ । ପୁରାତନ ଛାତ୍ର ଛାତ୍ରୀ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ ରେ ନିୟୋଜିତ ରହିଛନ୍ତି ସେମାନ ଙ୍କୁ ବିଦ୍ୟାଳୟ ମାନଙ୍କୁ ଆମନ୍ତ୍ରଣ କରି



ଅଭିଜ୍ଞତା ଓ ଅନୁଭବ କୁ ବର୍ତ୍ତମାନ ର ପିଢ଼ି ମାନଙ୍କୁ ଶୁଣେଇବାକୁ ଡା ପାତ୍ର ପରାମର୍ଶ ଦେଇଥିଲେ । ପରେ ସାଂସଦ ଙ୍କ ପରାମର୍ଶ କ୍ରମେ ସମସ୍ତେ ଗତକାଲି ଏକ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିବା ଶିଶୁ ଶ୍ରେୟାଂଶ ଦେ ଙ୍କ ଆତ୍ମା ର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଶିକ୍ଷକ, ବିଦ୍ୟାର୍ଥୀ ଓ ଅଭିଭାବକ ମାନଙ୍କ ସହ ସୁସମନ୍ୱୟ ଏବଂ ଶିକ୍ଷାନୁଷ୍ଠାନ ର ଭିତ୍ତିଭୂମି ର ବିକାଶ ଶିକ୍ଷା ପ୍ରତି ପିଲା ମାନଙ୍କୁ ଅଧିକ ପ୍ରେରଣା ଦେବ ବୋଲି କହିଥିଲେ । ପ୍ରାରମ୍ଭରେ ଅତିଥି ମାନେ ବିଦ୍ୟାଳୟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ପ୍ରକଳ୍ପ କୁ ବୁଲି ଦେଖି ଥିଲେ । ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଭାରତ ରେ ୧୪୫୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ରେ ପିଏମଶ୍ରୀ ବିଦ୍ୟାଳୟ କାର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟ ର ବିକାଶ ଓ ଶିକ୍ଷା ର ଉତଥାନ ପାଇଁ ପିଏମଶ୍ରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରେନ୍ଦ୍ର କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର ଓ ରାଜଶ୍ରୀ ଦାସ ସମସ୍ତ ଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଦ୍ୟାଳୟସ୍ତରୀ ପ୍ରତିଯୋଗିତା ଅନୁଷ୍ଠିତ

**ଯାଜପୁର, ୩।୧ (ନି.ପ୍ର):** ଯାଜପୁର ଜିଲ୍ଲାର ସାଂସ୍କୃତିକ ଓ ସାମାଜିକ ଅଗ୍ରଣୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ସପ୍ତମ ବାର୍ଷିକ ଉତ୍ସବ ଓ ୭ମ ବାର୍ଷିକ ଲୋକ କଳା ମହୋତ୍ସବ ଅବସରରେ ଉତ୍ସବର ଅବ୍ୟବହିତ ପୂର୍ବରୁ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲାସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉକି ଅନ୍ୱେଷଣ ଥିଏଟର ଗ୍ରୁପର ପ୍ରତ୍ୟେକ



ବର୍ଷପରି ଚଳିତବର୍ଷ ଯାଜପୁର ଐତିହ ଉପରେ ଚିତ୍ରାଙ୍କ ଓ ବକ୍ତୃତା ପ୍ରତିଯୋଗିତା ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ବାର୍ଷିକ ଉତ୍ସବ ଓ ଲୋକକଳା ମହୋତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ଅନୁଷ୍ଠାନର ଏହା ଛୋଟିଆ ପ୍ରୟାସ । ଏହି ପ୍ରତିଯୋଗିତାରେ ଉର୍ତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଚଳିତ ମାସ ୭, ୮ ଓ ୯ ତାରିଖରେ ପୁରସ୍କୃତି କରାଯିବ (ସାଂସ୍କୃତି ଭବନରେ) ଏହି ପ୍ରତିଯୋଗିତାରେ ବିଚାର ପତିଭାବେ ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଶିକ୍ଷାବିତ ଭରତ ଚନ୍ଦ୍ର ବେହେରା, ଶିକ୍ଷାବିତ ଭରତ ଚନ୍ଦ୍ର ବେହେରା, ଜିତେନ୍ଦ୍ର ନାଥ ରାଉତ, ଅବକାଶ ରଥ, ଜୟ ପ୍ରକାଶ ନାୟକ । ଏହି ଆୟୋଜନକୁ ଅଭିମନ୍ୟୁ ମିଶ୍ର, ବୃନ୍ଦାବନ ମିଶ୍ର, ଦେବବ୍ରତ ଜେନା, ଶଙ୍କର ସାହୁ, ସେକ୍ ଅବଦୁଲ୍ ସାଜିଦ୍, ଅଶୋକ ପାଣିଗ୍ରାହୀ, ଧନଞ୍ଜୟ ପୃଷ୍ଟି, ଶିଶିର ମହାପାତ୍ର, ରବିନାରାୟଣ ବେହେରା, ସଚ୍ଚିଦାନନ୍ଦ ବେହେରା, ଶକୁନ୍ତଳା ବେହେରା ପ୍ରମୁଖ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

# ପ୍ରାଚୀ ନୃତ୍ୟ ଓ ସଙ୍ଗୀତ ର ବାର୍ଷିକ ଉତ୍ସବ ପାଳିତ

**ପିପିଲି, ୩।୧ (ନି.ପ୍ର):** ପିପିଲି ପୌରାଞ୍ଚଳ ରେ ଥିବା ପ୍ରାଚୀ ନୃତ୍ୟ ଓ ସଙ୍ଗୀତ ବିଦ୍ୟାଳୟ ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ପିପିଲି କିଷ୍ଣା ଗାର୍ଡେନ ଠାରେ ପାଳିତ ହୋଇଯାଇଛି । ପ୍ରାଚୀ ସଙ୍ଗୀତ କଳଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କାଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀ, ପିପିଲି ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫୁଲ ଚନ୍ଦ୍ର ପଣ୍ଡା, ପିପିଲି ମହାବିଦ୍ୟାଳୟର ଅଧକ୍ଷ ସଦାଶିବ ଦାସ, ଅନୁଷ୍ଠାନର ସଭାପତି ପ୍ରଭାତ ମହାପାତ୍ର ପ୍ରମୁଖ ଅତିଥିମାନେ ମଞ୍ଚାସିନ ଥିଲେ ବିଶିଷ୍ଟ କବି ଓ ଲେଖକ ତଥା



ଗାଳ୍ପିକ ଓ ଗୀତିକାର ବୃନ୍ଦାବନ ଜେନା ଙ୍କ ଦ୍ୱାରା ଲିଖିତ ଆଜିପାଇଁ କାହାଣୀ ଓ ବିଶ୍ୱାସ ପୂର୍ବରୁ, ଦୁଇଟି ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା ଏଥିରେ ସଭାପତିତ୍ୱ ଏବଂ ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଡ଼ସବିକାନ୍ତ ନାୟକ, ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ସମ୍ପଦ କୁମାର ମହାପାତ୍ର ବିବରଣିପାଠ କରିଥିଲେ ସୁମନ୍ତ କୁମାର ଦାସ, ଧନ୍ୟବାଦ ଦେଇଥିଲେ ସୁକାନ୍ତ କୁମାର ସାହୁ ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦଯାପିତ

**ବୁଗୁଡା, ୩/୧ (ନି.ପ୍ର) :** ବିଶ୍ୱଶାନ୍ତି ତଥା ଜନକଲ୍ୟାଣ ଉଦ୍ଦେଶ୍ୟରେ ବୁଗୁଡା ବ୍ଲକର କରଚୁଲି ଗ୍ରାମରେ ଗତ ପୌଷ ମାସ ଶୁକ୍ଳପକ୍ଷ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ଶ୍ରୀରାମ ଚରିତ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ କାର୍ଯ୍ୟକ୍ରମ ଶୁକ୍ଳପକ୍ଷ ପୂର୍ଣ୍ଣିମାରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ଗହଙ୍ଗୁ ମଠାଧୀଶ ଶ୍ରୀ ରାଘବାନନ୍ଦ ଦାସଜୀ ମହାରାଜଙ୍କ ଦ୍ୱାରା ପ୍ରାତଃକାଳୀନ ପୂଜନ ଓ ପାରାୟଣ ଏବଂ ସନ୍ଧ୍ୟା ସମୟେ ହନୁମାନ ଚାଳିଶା ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ଏଥିରେ ପ୍ରବଚକ ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ, ପଣ୍ଡିତ ଗୋପାଳ ରାଜଗୁରୁ , ସନ୍ଥ ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀ ପ୍ରମୁଖ ଯୋଗ ଦେଇ ସତସଙ୍ଗ ମହିମା, ସତୀ ବିବାହ, ରାମ ଜନ୍ମର କାରଣ, ଅବତାରବାଦ, ଜାନକୀ ବିବାହ, ରାମ ବନବାସ, ଭରତ ମିଳନ, ଅତ୍ରି ମିଳନ, ନାରୀ ଧର୍ମ କଥନ, ଶବରୀ ସେବା, ହନୁମାନ ଚରିତ୍ର, ଯୁଦ୍ଧଯାତ୍ରା, ବିଭିଷଣ ଶରଣାଗତି, ରାମ ଅଭିଷେକ, କାକଭୁଷଣ୍ଡି ଚରିତ୍ର ଆଦି ବିଭିନ୍ନ ପ୍ରସଙ୍ଗରେ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ପ୍ରଦାନ କରିଥିଲେ । ଏହି ନବାହ୍ନ କାର୍ଯ୍ୟକ୍ରମରେ ସାନ୍ଧ୍ୟକାଳୀନ ଭଜନ ସମାରୋହ ଓ ପ୍ରବଚନ ସମୟେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା ବେଳେ ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ଓ ବିସର୍ଜନ କାର୍ଯ୍ୟ ସହ ଉଦଯାପିତ ହୋଇଥିଲା । କରଚୁଲି ଗ୍ରାମସ୍ଥ ଶ୍ରୀରାମ ଚରିତ ମାନସ ସମିତି ପକ୍ଷରୁ ଆୟୋଜିତ ଏହି ନବଦିବସୀୟ କାର୍ଯ୍ୟକ୍ରମକୁ ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସଦାନନ୍ଦ ପାତ୍ର ଓ କୋଷାଧକ୍ଷ କୃଷ୍ଣଚନ୍ଦ୍ର ଡାକୁଆ । ପ୍ରମୁଖ ପରିଚାଳନା କରିଥିବା ବେଳେ ଏଥିରେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଥିଲା ।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ଫୁଲନଖରା, ୩।୧ (ନି.ପ୍ର) :** ନଖରା ଖାରବେଳ ଇଷ୍ଟେଟସ୍ଥିତ ଲଳିତ ମେମୋରିଆଲ ହସ୍ପିଟାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରକୁ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଏସସିବିର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର ସ୍ତ୍ରୀ ଓ ପ୍ରସୂତି (ଅଙ୍କୋଲୋଜି) ମୁଖ୍ୟ ଡ. ସୁଶିଲ କୁମାର ଗିରି ଉଦଘାଟନ କରିଥିଲେ । ମେଡିକାଲ ମୁଖ୍ୟ ଡ. ଶକ୍ତିପ୍ରସାଦ ଦାସଙ୍କ ତତ୍ତ୍ୱାବଧାରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, କର୍କଟ ପରୀକ୍ଷା, ଭେଷଜ, ନିଃସନ୍ତାନ ରୋଗ ପରୀକ୍ଷା, ଫିଜିଓଥେରାପି, ରକ୍ତ ପରୀକ୍ଷା, ବୋନଡେନ୍ସିଟିମିଟ୍ରି, ଏକ୍ସରେ, ଇସିଜି ଆଦି ମାଗଣାରେ କରା ଯାଇଥିଲା । ଶିବିରରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଇଣ୍ଡିଆନ ମେଡିକାଲ ଆସୋସିଏସନ ରାଜ୍ୟ ଶାଖା ସଭାପତି ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଭାରତୀୟ ସଂଘର ଉପସଭାପତି ଡ. ହର ପଟ୍ଟନାୟକ, ଡ. ଜନ୍ମେଜୟ ମହାପାତ୍ର, ପ୍ରଫେସର ଶରତ ମହାପାତ୍ର, ଡ. ବିଶ୍ୱଜିତ ସାହୁ, ଡ. ଆର.କେ. ପଣ୍ଡା ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରବର୍ତ୍ତୀ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ପ୍ରଫେସର ଭାଗ୍ୟଲକ୍ଷ୍ମୀ ନାୟକ, ଡ. ବିଜୟଲକ୍ଷ୍ମୀ ନାୟକ, ଡ. ସନ୍ତୋଷ, ଡ. ଧନଞ୍ଜୟ ସାହୁ, ଡ. ଶୁଭ୍ରାଂଶୁ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲା ବେଳେ କନକଲତା ଦେଇ ଓ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ ।

# ଝରକା ତାଡି ଘରୁ ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ

**ପୁରୀ, ୩।୧ (ନି.ପ୍ର):** ଝରକା ତାଡି ଘରେ ପଶି କଳାକନା ବୁଲେଇଲେ ଦୁର୍ବୃତ୍ତ । ପଖବରନେବାରୁ ଜଣା ପଡିଛି ଯେ ସନ୍ଧ୍ୟା ୭ଟା ସମୟରେ ଘରେ ନଥିବାର ସୁଯୋଗ ନେଇ ତଳବଣିଆ । ଥାନା ଅନ୍ତର୍ଗତ ମୈତ୍ରୀ ବିହାର ରେ ବାସ କରୁଥିବା ଅନିଲ ପଟ୍ଟନାୟକ (ଚାଇନା)ଙ୍କ ଘର ପଛପଟେ ଝରକା ତାଡି ଘରେ ପଶି ତାଙ୍କ ଗଡ଼ରେଜ ଆଲମିରା ତାଡି ଆଲମିରାରେ ରଖିଥିବା ସୁନା, ରୁପା ଗହଣା ଓ ଲାପଟପ, ୧୫୦୦୦ ଟଙ୍କା ଲୁଟି ନେଇଛନ୍ତି । ଅନିଲ ଏ ବିଷୟରେ ତଳବଣିଆ । ଥାନାରେ ଅଭିଯୋଗ କରିବାରୁ ପୁଲିସ ୨୮/୨୫ ନମ୍ବରରେ ଲୁଟ ଅଭିଯୋଗ ରୁଜୁ କରି ତଦନ୍ତ ଆରମ୍ଭ କରି ଶିଶିଟିଭି କ୍ୟାମେରା ରୁ କିଛି ପ୍ରମାଣ ଯୋଗାଡ କରି ୨ ଜଣଙ୍କୁ ରଖି ପଚରା ଉଚରା କରୁଛି । ପୋଲିସ ସାଇଣ୍ଟିଫିକ ଓ ଡଗ ସ୍କ୍ୱାଡ଼ ଆସି ତନାଘନା ଚଳେଇ ଏହି ୨ଜଣ ଅପରାଧୀ ଙ୍କୁ ଧରିଛି ଆଜି ସେମାନଙ୍କୁ କୋର୍ଟ ଫରୱାର୍ଡ କରାଯିବ ।

# ଆଧୁନିକ ସାହିତ୍ୟରେ ବିଶେଷ ଅବଦାନ ପାଇଁ ଶିକ୍ଷକ ତଥା କବିଙ୍କୁ ଡକରେଟ ସମ୍ମାନ



**କାକଟପୁର ୩/୧ (ନି.ପ୍ର:** ଦୀର୍ଘ ଦିନ ର ସାହିତ୍ୟ ସାଧନା ଓ ଓଡ଼ିଆ । ଭାଷା ର ପ୍ରଚାର ପ୍ରସାର କ୍ଷେତ୍ର ରେ ବିଶେଷ ଅବଦାନ ପାଇଁ କବି କଳିକା ତ୍ରିଲୋଚନ ବିଶ୍ୱାଳ ନିକଟରେ ୱାର୍ଲଡ ଚାରିଟେବୁଲ ଫାଉଣ୍ଡେସନ ଦ୍ୱାରା ସମ୍ମାନଜନକ ଡକ୍ଟରେଟ ଉପାଧି ରେ ସମ୍ମାନିତ ହୋଇଛନ୍ତି । ପାଠକ ଙ୍କ ଦ୍ୱାରା ବେଶ ଆଦୃତ ତାଙ୍କର ସାହିତ୍ୟ, ଭାଷା ସଂଯୋଜନା ପାଇଁ ସେ ପାଖାପାଖି ୧୫୦ ଟି ପଞ୍ଜିକୃତ ଅନୁଷ୍ଠାନ ରୁ ପ୍ରଶଂସା ପତ୍ର ଓ ବିଭିନ୍ନ ଉପାଧି ପାଇ ସାରିଛନ୍ତି । ସେ ସ୍ନାତକୋତ୍ତର ଡିଗ୍ରୀ ଉତ୍କଳ ବିଶ୍ୱବିଦ୍ୟାଳୟ ରୁ ହାସଲ କରି ଥିଲେ ମଧ୍ୟ ସାହିତ୍ୟ ସାଧନା କ୍ଷେତ୍ରରେ ତାଙ୍କୁ ଆମେରିକାନ ମେରିଟ କାଉନସିଲ ପରିଚାଳିତ ୱାଲଡ଼ ଚାରିଟେବୁଲ ଟ୍ରଷ୍ଟ, ନୂଆଦିଲ୍ଲୀ ତରଫରୁ ଡକ୍ଟରେଟ ପରି ଏକ ସମ୍ମାନଜନକ ଉପାଧି, ଗଞ୍ଜାମ କଳା ପରିଷଦ, ବ୍ରହ୍ମପୁର ଠାରେ ଅନେକ ପ୍ରଫେସର ଓ ପୌରପାଳିକା ଅଧକ୍ଷ ଙ୍କ ଉପସ୍ଥିତି ରେ ଏକ ବର୍ଣ୍ଣଢ୍ୟ ପରିବେଶ ମଧ୍ୟରେ ପ୍ରଦାନ କରାଯାଇଛି । ଶ୍ରୀଯୁକ୍ତ ବିଶ୍ୱାଳ ଓଥକା ୟୁ ଜି ୟୁ ପି ବିଦ୍ୟାଳୟ ର ଜଣେ ଆଗ ଧାଡ଼ିର ଶିକ୍ଷକ ସହ ଜଣେ ଶ୍ରେଷ୍ଠ ସଂଗଠକ ଭାବେ ସମସ୍ତ ଙ୍କ ପାଖରେ ଆଦୃତ. ଓ ଯୁବ ଲେଖକ ଭାବେ ତାଙ୍କର କାଳଜୟୀ ଲେଖା ପାଇଁ ସେ ଉଚ୍ଚ ପ୍ରଶଂସିତ । ତେଣୁ ତାଙ୍କର ଏହି ଉପାଧି ଓ ଲେଖନୀ ମୁନରୁ ସୃଷ୍ଟି ଅବଦାନ ଆଗାମୀ ଦିନରେ ଲେଖକ ଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ବୁଦ୍ଧିଜିବି ମାନେ ଆଶା ପୋଷଣ କରିଛନ୍ତି ।

# ସ୍ୱେଦେଶ ହେଲେ ବିଜୁ ଯୁବ ଜନତାଦଳ ରାଜ୍ୟ ସମ୍ପାଦକ

**ଡେଲାଙ୍ଗ, ୩।୧ (ନି.ପ୍ର):** ଡେଲାଙ୍ଗ ଅଂଚଳର ସ୍ୱେଦେଶ ରଞ୍ଜନ ସିଂହ ବିଜୁ ଯୁବ ଜନତାଦଳର ରାଜ୍ୟ ସମ୍ପାଦକ ଭାବେ



ମନୋନୀତ ହୋଇଛନ୍ତି । ସେ ଡେଲାଙ୍ଗ କୋଠବାଡ ପଞ୍ଚାୟତ ର ଜଣେ ସୁସଂଗଠକ ଭାବେ ପରିଚିତ ଯରାଜ୍ୟ ସମ୍ପାଦକ ହେବା ପରେ ତାଙ୍କୁ ଚାରିଆଡୁ ଶେଭେଚ୍ଛାର ସୁଅ ଛୁଟିଛି । ଏନେଇ ଶ୍ରୀ ସିଂହ ବିଜୁ ଜନତାଦଳ ସଭାପତି ତଥା ବିରୋଧୀଦଳର ନେତା ନବୀନ ପଟ୍ଟନାୟକ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥି, ରାଜ୍ୟ ବିଜୁ ଯୁବ ଜନତାଦଳର ସଭାପତି ଚିନ୍ମୟ କୁମାର ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦଳର ଶୃଙ୍ଖଳିତ କର୍ମୀ ଭାବେ ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ସୁଚାରୁରୂପେ ତୁଲାଇବେ ବୋଲି କହିଥିଲେ ।

# ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୩।୧ (ନି.ପ୍ର) :** ରାଜ୍ୟରେ ନବନିଯୁକ୍ତ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କୁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଶନିବାର ଲୋକସେବା ଭବନ ଠାରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ଏକ ପ୍ରତିନିଧି ଦଳ ଶ୍ରୀମତୀ ଗର୍ଗଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏ ବିଷୟରେ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଅନ୍ୟତମ ସଦସ୍ୟ କିଶୋର ମଙ୍ଗରାଜ ପ୍ରମୁଖ ଭେଟି ସମ୍ବର୍ଦ୍ଧିତ କରିଥିଲେ ।

# ନୂଆ ଓଡିଆ ଚଳଚ୍ଚିତ୍ର କୁଣ୍ଡଳୀ ର ଶୁଭ ମହୁରତ



**ଫୁଲନଖରା, ୩।୧ (ନି.ପ୍ର) :** ବେଶ କିଛି ବର୍ଷ ହେଲା ମୌଳିକ କାହାଣୀକୁ ନେଇ ଓଡିଆ । ଚଳଚ୍ଚିତ୍ର ନିର୍ମାଣର ଧାରା ବଦଳି ଥିବାରୁ ଓଡ଼ିଆ । ଚଳଚ୍ଚିତ୍ର ପ୍ରତି ଢେର ଲୋକପ୍ରିୟତା ବଢ଼ିଛି । ସେହି ଲୋକପ୍ରିୟତା ହାସଲ ଆଶାରେ କୁଣ୍ଡଳୀ ନାମକ ଏକ ନୂତନ ଓଡ଼ିଆ । ଚଳଚ୍ଚିତ୍ରର ଶୁଭ ମହୁରତ ମାଆ । ଧାକୁଲେଇ ପୀଠରେ ହୋଇଛି । ନବାଗତା ପ୍ରଯୋଜିକା ଶ୍ରୀମତୀ ବିଜୟଲକ୍ଷ୍ମୀ ନାୟକଙ୍କ ସମେତ ନବାଗତ ନିର୍ଦ୍ଦେଶକ ରୋହନଜିତ ଦାଶ, ସଙ୍ଗୀତ ନିର୍ଦ୍ଦେଶକ ଜ୍ଞାନ ବେହେରା, କାର୍ଯ୍ୟକାରୀ ପ୍ରଯୋଜକ ଶୁଭ୍ରାଂଶୁ ଶେଖର ମହାପାତ୍ର, ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଯୁବ ପ୍ରଯୋଜକ ହିମାଦ୍ରୀ ତନୟ ଦାସ, ଶକ୍ତି ବରାଳ, ଋଷି ପଟ୍ଟନାୟକ, କେ.କେ, ଭକ୍ତି ଦାସ, ନବାଗତ ନାୟକ ମୃଣ୍ମୟ, ନାୟିକା, ଅନନ୍ୟା ଦାଶ, ଅଭିନେତା ଜ୍ୟୋତି ନାୟକ, ସନ୍ତୁ ନିଜେ ଏବଂ ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ । ପ୍ଲାନର ପ୍ରଣୟ ଜେଠୀ, କାହାଣୀକାର ତଥା ସଂଳାପକାର ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଶୁଭ ମହୁରତ ଅବସରରେ ଉପସ୍ଥିତ ଥିଲେ । ଥନନ୍ତର ପିକ୍ସେଲ ଫିଲ୍ମସ ଓ ଆମରା ମ୍ୟୁଜିକ୍ ର ମିଳିତ ସହଯୋଗରେ କୁଣ୍ଡଳୀ ନିର୍ମାଣ ହେବ । ନାୟକ ଜ୍ୟୋତି ନାୟକ, ନବାଗତ ମୃଣ୍ମୟ, ନାୟିକା ଅନନ୍ୟା ଦାଶ ଏବଂ ଜସ୍ମିନ ମୁଖ୍ୟ ଚରିତ୍ର ରେ ଅଭିନୟ କରୁଛନ୍ତି କ୍ଷଜନ୍ମ ହେବା ମାତ୍ରେ ସମସ୍ତେ କୁଣ୍ଡଳୀ ସାଙ୍ଗରେ ନେଇ ଆସିଥାନ୍ତି । ତେବେ ସେଇ କୁଣ୍ଡଳୀ କେତେବେଳେ କାହା ଭାଗ୍ୟରେ କେମିତି ଥାଏ ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକ ଆଗାମୀ ଦିନରେ ଦେଖିବେ । କୁଣ୍ଡଳୀ ଏକ ଓଡ଼ିଆ । ସସ୍ପେନ୍ସ ତଥା ହରର୍ ଚଳଚ୍ଚିତ୍ର । ପ୍ରଥମଥର ପାଇଁ ସସ୍ପେନ୍ସ ତଥା ହରର୍ ଚଳଚ୍ଚିତ୍ର ଭାବେ ବୋଉ ବୁଟୁ ଭୂତ କୁ ଦର୍ଶକ ଢେର ଭଲ ପାଇବା ଦେଇଥିଲେ ଏବଂ ବ୍ୟବସାୟିକ ସଫଳତା ମଧ୍ୟ ପାଇଥିଲା । କୁଣ୍ଡଳୀ ଏକ ବ୍ୟୟ ବହୁଳ ଭରପୁର ଭିଏଫଏକ୍ସ ବ୍ୟବହୃତ ଚଳଚ୍ଚିତ୍ର ଭାବେ ନିର୍ମାଣ ହେବ । ଯାହା ଓଡ଼ିଆ । ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇବ ବୋଲି ନିର୍ଦ୍ଦେଶକ ରୋହନଜିତ ଦାଶ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ । ତେବେ ବଢୁଛି ନୂତନ ପ୍ରଯୋଜକ, ନିର୍ଦ୍ଦେଶକଙ୍କ ସଂଖ୍ୟା, ମୌଳିକ କାହାଣୀକୁ ନେଇ ବଦଳିଛି ଉନ୍ନତମାନର ନିର୍ମାଣ ଶୈଳୀ । କୁଣ୍ଡଳୀ ଖୁବ ଶୀଘ୍ର ସୁଟିଂ ଫ୍ଲୋର କୁ ଯିବ ଏବଂ ରଜରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି ।

# ମହିଳା କ୍ରିକେଟ ପ୍ରଦର୍ଶନୀ ଟୁର୍ଣ୍ଣାମେଣ୍ଟରେ ଗଞ୍ଜାମ କ୍ରିକେଟ ଆସୋସିଏସନ ବିଜୟୀ

**ଗଞ୍ଜାମ, ୩।୧ (ନି.ପ୍ର):** ରମ୍ଭା ହାଇସ୍କୁଲ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୧୧ତମ ଦିନରେ ଗଞ୍ଜାମ ମହିଳା କ୍ରିକେଟ ଆସୋସିଏସନ ସହ ପୁରୀ ମହିଳା କ୍ରିକେଟ ଆସୋସିଏସନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରମ୍ଭା ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ତତ ସଙ୍ଗେ ମୁଖ୍ୟ ଅତିଥି ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଅଧକ୍ଷା ପ୍ରତିନିଧି ସୁରଥ ପ୍ରାଧନ ଏବଂ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡାତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ନାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ଏବଂ ପୁରୀର ଅଭିଭାବକ ପ୍ରମୁଖ ମଞ୍ଚାସିନ ରହିଥିଲେ । ଅନ୍ତଃରାଜ୍ୟ କ୍ରିକେଟ




ଟୁର୍ଣ୍ଣାମେଣ୍ଟର ୧୧ମ ଦିନରେ ପ୍ରଥମ ଇନିଂସରେ ପୁରୀ ଟସ୍ ଜିତି ବେଟିଂ ର ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୨୦ ଓଭର ରେ ୬ ଗୋଟି ଉଇକେଟ ବିନିମୟରେ ୧୨୨ ରନ ସଂଗୃହିତ କରିଥିଲେ । ପୁରୀ ଦଳ ପକ୍ଷରୁ ଅଧିନାୟିକା ସାଲିନି ଦାଶ ସର୍ବାଧିକ ୪୦ ଗୋଟି ବଲରେ ୪୩ ରନ ସଂଗୃହିତ କରି ବେଷ୍ଟ ବେଟସ ମେନ ଘୋଷିତ ହୋଇଥିଲେ । ଜବାବରେ ଗଞ୍ଜାମ କ୍ରିକେଟ ଆସୋସିଏସନ ଅଧିନାୟିକା ଜୁଲି ବେହେରା ୬ ଗୋଟି ବଲ ହାତରେ ରଖି ୬ ଗୋଟି ଉଇକେଟ ବିନିମୟରେ ସହଜ ବିଜୟ ହାସଲ କରିଥିଲେ । ଗଞ୍ଜାମ ଦଳ ତରଫରୁ ମିନତୀ ବେହେରା ୪୩ ଗୋଟି ବଲରେ ୩୯ରନ ସଂଗୃହିତ କରି ମେନ ଅଫ ମେଚ ଘୋଷିତ ହୋଇଥିଲେ । ମୁଖ୍ୟ ଅତିଥି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ମେନ ଅଫ ଦି ମେଚ ମିନତୀ ବେହେରାଙ୍କୁ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ । ଆସନ୍ତା ୪ ତାରିଖ ଦିନ ରମ୍ଭା କ୍ରିକେଟ କ୍ଲବ ସହ ଆଇ ସି ସି ଇଚ୍ଛାପୁରମ ଫାଇନାଲ ମେଚ ଅନୁଷ୍ଠିତ ହେବ । ତତ ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ ( ମେଲୋଡି ) ହେବାପାଇଁ ଅନୁଷ୍ଠାନ ର ସମ୍ପାଦକ ପ୍ରକାଶ କରିଛନ୍ତି । ଏଥିରେ ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ଶ୍ରୀକାନ୍ତ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଶୁଭଙ୍କର ପଣ୍ଡା ଓ ସଚିନ କୁମାର ଗୌଡ଼ କରିଥିବା ବେଳେ ଏମ୍ପାୟାର ହିମାଂଶୁ ବୈଠାରୁ ଓ ମହେଶ୍ୱର ନାୟକ ରହିଥିଲେ । ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ହାପି, ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ, ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା, ପ୍ରମୁଖ ସହଯୋଗ କରିଥିଲେ ।

# ପୂଜକଙ୍କୁ ପେଚକସରେ ଆକ୍ରମଣ

**ତାଳଚେର, ୩।୧ (ନି.ପ୍ର):** ତାଳଚେର ଥାନା ସମ୍ମୁଖରେ ଥିବା ମଙ୍ଗଳା ମନ୍ଦିରରେ ଦୀର୍ଘବର୍ଷ ହେଲା ପୂଜା କରି ଆସୁଥିଲେ । ବଡ଼ଦାଣ୍ଡ ସାହିର ସନ୍ତୋଷ କୁମାର ମହାପାତ୍ର(୫୦) । ଶନିବାର ମଧ୍ୟାହ୍ନରେ ପୂଜା ସାରି ଫେରୁଥିବା ବେଳେ ଥାନା ସମ୍ମୁଖରେ ଜଣେ ଯୁବକ ତାଙ୍କୁ ପେଚକସ୍ ଦ୍ୱାରା ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଡାକ୍ତରଖାନା ପରିସରରେ ପ୍ରବଳ ଉତ୍ତେଜନା ଦେଖାଦେଇଛି । ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା ଜାରି ରଖିଛି ।



# ଜାନକୀ ପଟ୍ଟନାୟକ ଦୁଇ ଟଙ୍କିଆ ଚାଉଳର ଜନକ ଥିଲେ



ଭୁବନେଶ୍ୱର,୩।୧(ନି.ପ୍ର) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ, ଓପିସିସିର ପୂର୍ବତନ ସଭାପତି ତଥା ପ୍ରତିଥଯଶା ସାହିତ୍ୟିକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଆଜି କଂଗ୍ରେସ ଭବନ ଠାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ସଭାପତି ଶ୍ରୀ ଦାସଙ୍କ ସମେତ ଉପସ୍ଥିତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ପ୍ରଥମେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ବିଶିଷ୍ଟ କଂଗ୍ରେସ ନେତା ମାନସ ଚୌଧୁରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ବୃତ୍ତଚିତ୍ର ପୂର୍ବତନ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏମ ବିରପ୍ପା ମୋଇଲି, ଏଆଇସିସି ସାଧାରଣ ସମ୍ପାଦକ ତଥା ସାଂସଦ ରଣଦୀପ ସିଂ ସୂର୍ଯେୱାଲା, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଉନ୍ମୋଚନ କରିଥିଲେ । ଶ୍ରଦ୍ଧାସୁମନ ଅର୍ପଣକରି ଏଆଇସିସି ସାଧାରଣ ସମ୍ପାଦକ ଶ୍ରୀ ସୂର୍ଯେୱାଲା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ୨ ଟଙ୍କିଆ ଚାଉଳର ଜନକ ବୋଲି ଆଖ୍ୟା ଦେଇଥିଲେ । ଦେଶରେ କେହି ଭୋକ ଉପାସରେ ନ ରହିବେ ବୋଲି କଂଗ୍ରେସ ପ୍ରଥମେ ଗରିବ ଜନସାଧାରଣଙ୍କର ପେଟକୁ ଦାନା ଦେବା ପାଇଁ ଖାଦ୍ୟ ସୁରକ୍ଷା ଯୋଜନା ସମଗ୍ର ଦେଶରେ ଆରମ୍ଭ କରିଥିଲା । ଶ୍ରୀ ମୋଇଲି କହିଥିଲେ ଯେ ସ୍ୱର୍ଗତ ପଟ୍ଟନାୟକ ମୋର ଜଣେ ବିଶେଷ ବନ୍ଧୁ ଥିଲେ । ଅନେକ ସମୟରେ ସାମାଜିକ ସୁରକ୍ଷା ଏବଂ ଲୋକଙ୍କ ଅର୍ଥନୈତିକ ପ୍ରଗତୀ ବିଷୟରେ ଆଲୋଚନା କରୁଥିଲୁ । ସ୍ୱର୍ଗତ ପଟ୍ଟନାୟକ ଏକ ବହୁଗୁଣ ପ୍ରତିଭାର ଅଧିକାରୀ ଥିଲେ, ଏକାଧାରରେ ସାହିତ୍ୟିକ, ପ୍ରଶାସକ ଓ ବିକାଶର ବ୍ୟକ୍ତିତ୍ୱ ଥିଲେ । ଶିଳ୍ପର ବିକାଶ ହେଲେ ରାଜ୍ୟର ବିକାଶ ହେବ,ଏଥିପାଇଁ ସେ ହଜାରେ ଦିନରେ ହଜାର ଶିଳ୍ପର ମୂଳଦୁଆ ପକାଇଥିଲେ । ଜଣେ ସୁସଂଗଠନ ଭାବରେ ତାଙ୍କର ଖ୍ୟାତି ଥିଲା ବୋଲି ପିସିସି ସଭାପତି ଶ୍ରୀ ଦାସ କହିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ସହ ପ୍ରଭାରୀ ଜେଟି କୁସୁମ କୁମାର, ମନୋରଞ୍ଜନ ଦାଶ ଜାନକୀ ବାବୁଙ୍କର ବହୁମୁଖୀ ପ୍ରଭା ଓ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ ।

# ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ପାଳିତ




କଟକ,୩।୦୧(ନି.ପ୍ର) : ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର, ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କ ୧୦୭ତମ ଜୟନ୍ତୀ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥ ପରିଷଦ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଅଛି । ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ଶନିବାର ଅନୁଷ୍ଠିତ ଉକ୍ତ ଜୟନ୍ତୀ ସଭାରେ ଡ଼ାକ୍ତର ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଚିତ୍ତରଞ୍ଜନ ମହାନ୍ତି, କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଶାନ୍ତ ନାୟକ, ମନୋରଞ୍ଜନ ପଣ୍ଡା, ଦେବେନ୍ଦ୍ର କାହାଳୀ, ଗୋପାଳ ଚନ୍ଦ୍ର ମିଶ୍ର, ଭିକାରୀ ଦାସ, ହରିବନ୍ଧୁ ନାୟକ, ରତ୍ନାକର ମୁଖୀ, ରୀତା ମହାପାତ୍ର, ଆଶୀଷ ସାହୁ, ଯୁଗଳ ନାୟକ, ଡ଼ା: ଦୀପକ ରାଜ୍, ବିଜୟ ବେହେରା, ଅସିତ ମହାନ୍ତି, ଅରୂପାଲାଲ ଘୋଷ, ପ୍ରଫୁଲ୍ଲ ବେହେରା, ନରେନ୍ଦ୍ର ନାୟକ, ଦିଲ୍ଲୀପ ବିଶ୍ୱାଳ, ଦିଲ୍ଲୀପ ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସୁଶାନ୍ତ ପାଣି, ସୁନୀତା ପଣ୍ଡିତ ପ୍ରମୁଖ ପଣ୍ଡିତଜୀଙ୍କ ସ୍ମୃତିଚାରଣ କରିଥିଲେ । କର୍ପୋରେଟର ଆରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତ୍ୟୁଷରେ ବଡ଼ ମେଡ଼ିକାଲ ପରିସର, ମେହେନ୍ତର ସଂଘ ପରିବାର, ବିକାଶ ଭବନଠାରେ ପଣ୍ଡିତଜୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

# ରାଜ୍ୟଗୁଡ଼ିକ ସହ କୃଷି ଯୋଜନା ଓ ବଜେଟ୍ ଉପଯୋଗର ସମୀକ୍ଷା କରିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ




ନୂଆଦିଲ୍ଲୀ,୩।୧ (ପିଆଇବି) : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି ରାଜ୍ୟ କୃଷି ମନ୍ତ୍ରୀମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ପିଏମ-ଆରକେଭିୱାଇ) ଏବଂ କୃଷୋନ୍ନତି ଯୋଜନା (କେୱାଇ) ସମେତ ବିଭିନ୍ନ କେନ୍ଦ୍ରୀୟ କୃଷି ଯୋଜନାର ଅଗ୍ରଗତି ଏବଂ ବଜେଟ୍ ଉପଯୋଗ ସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ସମୀକ୍ଷା ବୈଠକକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି ଯେ, ଛୋଟ ଛୋଟ ସାଧାରଣ ପ୍ରଶାସନିକ ଏବଂ ପ୍ରକ୍ରିୟାଗତ ସମସ୍ୟା ଯୋଗୁଁ ଅନେକ ସମୟରେ ବଜେଟ୍ ଆବଣ୍ଟନ ପ୍ରାୟତଃ ବିଳମ୍ବ ହୁଏ, ଯାହା ଯୋଜନାର ପ୍ରଭାବୀ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କରେ । ମାର୍ଚ୍ଚ ପୂର୍ବରୁ ବିଭିନ୍ନ ଯୋଜନା ପାଇଁ ଆବଣ୍ଟିତ ବଜେଟ୍ ଉପଯୋଗ ସୁନିଶ୍ଚିତ କରିବାକୁ ସେ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଯଦି ରାଜ୍ୟଗୁଡ଼ିକ ଧାର୍ଯ୍ୟ ସମୟସୀମାରେ ସେମାନଙ୍କର ବଜେଟ୍ ଖର୍ଚ୍ଚ କରିପାରୁନାହାଁନ୍ତି, ତେବେ ଏହା ଦ୍ୱାରା ରାଜ୍ୟମାନଙ୍କର ହିଁ କ୍ଷତି ହୋଇଥାଏ । ରାଜ୍ୟଗୁଡ଼ିକ ପୂର୍ବ ଯୋଜନାବଦ୍ଧ ରଣନୀତି ସହିତ ବଜେଟ୍ ବ୍ୟବହାର କରିବା ଉଚିତ ଯାହା ଦ୍ୱାରା ଯୋଜନାର ଲାଭ ଚାଷୀମାନଙ୍କ ପାଖରେ ଠିକ୍ ସମୟରେ ପହଞ୍ଚିପାରିବ ଏବଂ କେନ୍ଦ୍ରରୁ ପରବର୍ତ୍ତୀ କିସ୍ତି ଠିକ ସମୟରେ ପ୍ରଦାନ କରାଯାଇପାରିବ । ବୈଠକରେ, କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାରେ ଯୋଗ୍ୟ ଚାଷୀଙ୍କ ଶୀଘ୍ର ଯାଞ୍ଚ, ଫସଲ ବୀମା ଯୋଜନାରେ ସର୍ବାଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ସମୟସୀମା ମଧ୍ୟରେ ଦାବିର ସମାଧାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ବିହନ ତଥା ସାରର ଉପଲବ୍ଧତା, ସନ୍ତୁଳିତ ବ୍ୟବହାର ଏବଂ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହି ବୈଠକରେ ଉତ୍ତର ପ୍ରଦେଶର କୃଷିମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ପ୍ରତାପ ଶାହୀ, ମହାରାଷ୍ଟ୍ରର କୃଷିମନ୍ତ୍ରୀ ଶ୍ରୀ ଦତ୍ତାତ୍ରେୟ ଭରଣେ, ରାଜସ୍ଥାନର କୃଷିମନ୍ତ୍ରୀ ଡକ୍ଟର କିଶୋରୀ ଲାଲ ମୀନା, ଉତ୍ତରାଖଣ୍ଡର କୃଷିମନ୍ତ୍ରୀ ଶ୍ରୀ ଗଣେଶ ଜୋଶୀ ଏବଂ ମିଜୋରାମର କୃଷିମନ୍ତ୍ରୀ ଉପସ୍ଥିତ ଥିଲେ । କୃଷି ମନ୍ତ୍ରଣାଳୟର ସଚିବ ଶ୍ରୀ ଦେବେଶ ଚତୁର୍ବେଦୀଙ୍କ ସମେତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

ଶ୍ରୀ ଚୌହାନ ରାଜ୍ୟଗୁଡ଼ିକୁ ଆଶ୍ୱାସନା ଦେଇଥିଲେ ଯେ କେନ୍ଦ୍ର ସରକାର କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଚାଷୀମାନଙ୍କୁ ଲାଭ ଦେବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଜାରି ରଖିବେ ।

# ଗୋଲିଆ ଗାଁ ଛକରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ




ବୁଗୁଡ଼ା,୩।୧ (ନି.ପ୍ର) : ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗାଁ ଛକରେ ସଂଘବଦ୍ଧ ଆକ୍ରମଣରେ ଜନୈକ ଯୁବକ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଜୀବନ ସହ ସଂଗ୍ରାମ କରୁଥିବା ଜଣାଯାଇଛି । ଗୁରୁତର ଯୁବକ ଜଣକ ହେଲେ ଗୋଲିଆ ଗାଁ ତେଲୁଗୁ ସାହିର ଗଣେଷ ମହାପାତ୍ର । ଘଟଣାରୁ ପ୍ରକାଶ ଯେ, ଗତ ଶୁକ୍ରବାର ରାତି ୮ଟା ସମୟରେ ଗଣେଷ ଗାଁ ଛକର ଏକ ଦୋକାନ ସମ୍ମୁଖରେ ଠିଆ ହୋଇଥିବା ବେଳେ କିଛି ଦୁର୍ବୃତ୍ତ ସଂଘବଦ୍ଧ ହୋଇ ତାଙ୍କୁ ଫାର୍ସା ଓ ଲୁହାରଡ ବ୍ୟବହାର ସାଙ୍ଗକୁ ପଥର ଛେଚି ମରଣାନ୍ତକ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ଆହତ ଗଣେଷଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ । ଆକ୍ରମଣରେ ତାଙ୍କର ବାମ ଗୋଡ ଓ ହାତ ଭାଙ୍ଗିଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ପୋଲିସ କୌଣସି ସୂତ୍ରରୁ ଖବର ପାଇ ମେଡିକାଲ ଏବଂ ଘଟଣା ସ୍ଥଳରେ ପହଞ୍ଚିଥିଲା । ଏ ନେଇ ଶନିବାର ଦିନ ଗଣେଷଙ୍କ ମାଆ ଶାନ୍ତି ମହାପାତ୍ର ସଂଘବଦ୍ଧ ଆକ୍ରମଣରେ ଜଡିତ ଥିବା ପୂର୍ଣଚନ୍ଦ୍ର ପୋଲେଇ, ସୁନିଲ ପ୍ରଧାନ, ରୂପକ ସେଠୀ, ଦୁତିକୃଷ୍ଣ ପୋଲେଇ, ଜିଗଲ ବିଷୋୟୀ, ମହେଶ୍ୱର ଜେନା, ବିକାଶ ସାମଲ, ଭଗବାନ ଓଝା, ରୁଦ୍ର ସ୍ୱାଇଁ, ସୋମନାଥ ଗୌଡ, ସନ୍ନ୍ୟାସୀ ନାହାକ, ଓମ୍ ସ୍ୱାଇଁ ଓ ଶୁଭମ୍ ସ୍ୱାଇଁ ନାମରେ ବୁଗୁଡା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ଆଜି ବାରଣାସୀଠାରେ ୭୨ତମ ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

## ବିଭିନ୍ନ ରାଜ୍ୟ ଓ ସଂସ୍ଥା ପକ୍ଷରୁ ୫୮ଟି ଦଳରେ ୧୦୦୦ ରୁ ଅଧିକ କ୍ରୀଡ଼ାବିତ ପ୍ରତିଦ୍ୱନ୍ଦ୍ୱିତା କରିବେ

ନୂଆଦିଲ୍ଲୀ,୩।୧ (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୪ ଜାନୁଆରୀ ୨୦୨୬ରେ ଭିଡିଓ କନଫରେନ୍ସିଂ ଜରିଆରେ ୭୨ତମ ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବେ । ବାରଣାସୀର ଡ. ସମ୍ପୂର୍ଣ୍ଣାନନ୍ଦ ସ୍ପୋର୍ଟ୍ସ ଷ୍ଟାଡିୟମରେ ଉଦଘାଟନ ସମାରୋହ ଅନୁଷ୍ଠିତ ହେବ । ଜାନୁଆରୀ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦେଶବ୍ୟାପୀ ବିଭିନ୍ନ ରାଜ୍ୟ ଓ ସଂସ୍ଥାରୁ ୫୮ଟି ଦଳରେ ୧୦୦୦ ରୁ ଅଧିକ କ୍ରୀଡ଼ାବିତ ପ୍ରତିଦ୍ୱନ୍ଦ୍ୱିତା କରିବେ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଭଲିବଲରେ ଉଚ୍ଚମାନର ପ୍ରତିଦ୍ୱନ୍ଦ୍ୱିତା, ଖେଳଭାବନା ଏବଂ ଦକ୍ଷତାର ପ୍ରଦର୍ଶନ ଦେଖିବାକୁ ମିଳିବ । ବାରଣାସୀରେ ୭୨ତମ ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ସହରର ବର୍ଦ୍ଧିତ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ା ବିକାଶର ପ୍ରୋତ୍ସାହନକୁ ରେଖାଙ୍କିତ କରୁଛି । ଏହା ମଧ୍ୟ ପ୍ରମୁଖ ରାଷ୍ଟ୍ରୀୟ କାର୍ଯ୍ୟକ୍ରମର ଆୟୋଜନର କେନ୍ଦ୍ର ଭାବେ ସହରର ଦାବିଦାରୀକୁ ବଢ଼ାଉଛି ଏବଂ ଏଥିସହ ସାଂସ୍କୃତିକ ଏବଂ କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଭୂମିକାକୁ ସମ୍ପ୍ରସାରିତ କରୁଛି ।

# ବିଏମ୍‌ସି, ବିଡ଼ିଏର ଉଚ୍ଛେଦ ବିରୋଧରେ ଉଠାଦୋକାନୀଙ୍କ ମେଳି

## ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଘେରାଉ ଚେତାବନୀ



ଭୁବନେଶ୍ୱର, ୩।୧ (ନି.ପ୍ର) : ଗତ କିଛିଦିନ ହେବ ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉଠାଦୋକାନୀ ଆଇନ ନ ମାନି ଯେଉଁଭଳି ଭାବରେ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିଚାଲିଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ ଘଟଣା । ଏଠାରେ ସୂଚନାଥାଉକି, ବିଏମ୍‌ସି, ବିଡ଼ିଏ ଉତ୍ତର ଜୋନ ଅଞ୍ଚଳରେ ପାଖାପାଖି ୪୦୦୦ରୁ ଅଧିକ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିଥିବା ବେଳେ ରେଣ୍ଟାଲ ଜୋନ ଓ କଳ୍ପନା ବିଏମ୍‌ସି ଜୋନ ଅଞ୍ଚଳରେ ପାଖାପାଖି ୫୦୦୦ରୁ ଅଧିକ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରି ସେମାନଙ୍କ ପରିବାରକୁ ଦାଣ୍ଡର ଭିକାରି କରିଦେଇଛି । ଏହାର ପ୍ରତିବାଦରେ ଶନିବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଏବଂ ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ମହାସଂଘ ତରଫରୁ ଆଇଜି ପାର୍କରେ ପାଖାପାଖି ୧୦୦ରୁ ଅଧିକ ଉଠାଦୋକାନୀ ସଂଘର କର୍ମକର୍ତ୍ତା ଯୋଗଦେଇ ବିଏମ୍‌ସି ଓ ବିଡ଼ିଏ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିଥିଲେ ।

ବିଏମ୍‌ସି ଓ ବିଡ଼ିଏର ସ୍କ୍ୱାର୍ଡ଼ ଉଚ୍ଛେଦ ସମୟରେ ଉଠାଦୋକାନୀ ଆଇନ୍ ଓ ସମ୍ବିଧାନକୁ ନ ମାନି ମନମୁଖୀ ଉଚ୍ଛେଦ କରିବା, ଦୋକାନୀମାନଙ୍କୁ ଧମକ ଚମକ ଦେବା, ଉଚ୍ଛେଦ ସମୟରେ ଦୋକାନୀମାନଙ୍କ ସାମଗ୍ରୀଗୁଡ଼ିକୁ ତାଲିକାଭୁକ୍ତ ନକରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରିଥିଲେ । ଏହି ବୈଠକରେ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ନିରଞ୍ଜନ ପାଣ୍ଡେ, ସସ୍ମିତା ସାହୁ, ସୂର୍ଯ୍ୟମଣି ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, ସୁଶାନ୍ତ ରାଉତ, ଶ୍ୟାମସୁନ୍ଦର କଅଁର, ଶରତ କୁମାର ସାହୁ, ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ର, ମୁରଲୀଧର ଜେନା, ପ୍ରଶାନ୍ତ ନାୟକ, ସୁଦର୍ଶନ ସାହୁ, ଲକ୍ଷ୍ମୀଧର ପ୍ରଧାନ, ବାନାମ୍ବର ମହାପାତ୍ର, ସତ୍ୟବ୍ରତ ରାଉତ, ଏମ୍‌ଡ଼ି ଗୁଲଜର, ରଶ୍ମିତା ପାତ୍ର, ରେଣୁବାଳା ରାଉତ, ମନୋଜ ରଥ ପ୍ରମୁଖ ଯୋଗଦେଇ ସେମାନଙ୍କ କ୍ଷୋଭ ପ୍ରକାଶ କରିବା ସହ ବିଏମ୍‌ସି ଓ ବିଡ଼ିଏ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଏହାସତ୍ତ୍ୱେ ଯଦି ବିଏମ୍‌ସି ଓ ବିଡ଼ିଏର ସ୍କ୍ୱାର୍ଡ଼ ଉଠାଦୋକାନୀ ଉଚ୍ଛେଦ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଏବଂ ବିଏମ୍‌ସି ଓ ବିଡ଼ିଏ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଛନ୍ତି ।

# କୁହୁଣ୍ଡାରେ ଯାନ୍ତ୍ରିକ ଧାଡିବୁଣା ଧାନଚାଷୀଙ୍କ କର୍ମଶାଳା

ମାହାଙ୍ଗା, ୩।୧ (ନି.ପ୍ର) :ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଚାଷୀ ମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବ୍ଲକ ସହକାରୀ କୃଷି ଅଧିକାରୀ ସାର୍ଥକ କୁମାର ପାଣି ଉଦଘାଟନ କରିଥିଲେ । ସରକାରୀ ପ୍ରୋତ୍ସାହନରେ ଯାନ୍ତ୍ରିକ ଧାଡିବୁଣା ଧାନଚାଷ କରିଥିବା ଚାଷମାନଙ୍କୁ ଅଧିକ ଫସଲ ଅମଳ ପାଇଁ ଶ୍ରୀ ପାଣି ତାଲିମ ପ୍ରଦାନ କରିବା ସହିତ, ସେମାନେ କିପରି କୃଷି କାର୍ଯ୍ୟରେ ଅଧିକ ସଚେତନ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ । ନିଗମର ଜିଲ୍ଲା ସଂଯୋଜକ ସରୋଜ କୁମାର ସାମଲ ଏହି ଚାଷୀ ସଚେତନତା କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ ।

କୁଣ୍ଡି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅଖିଳେଶ ପଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ, ସରକାରୀ ଅଧିକାରୀ ମାନେ ଚାଷୀଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ ।

ଏଥିରେ ପୂର୍ବତନ ସରପଞ୍ଚ ହେମନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ନିଗମର ଜିଲ୍ଲା କୃଷି ସଂଯୋଜକ ଅନନ୍ତ ଗୋପାଳ ପ୍ରତିହାରୀ, କୁହୁଣ୍ଡା ପଞ୍ଚାୟତ କୃଷି ଅଧିକାରୀ ଦେବାଶିଷ ରାଉତ ଅଗ୍ରଣୀ ଚାଷୀ ମାନଙ୍କୁ ତାଲିମ ପ୍ରଦାନ ସହିତ, କୃଷି ସମ୍ବନ୍ଧୀୟ ବିଭିନ୍ନ ସଚେତନତା କରିବା ଦେଖିବାକୁ ମିଳିଥିଲା । ପଂଚାୟତ କୃଷକ ସାଥୀ ପ୍ରମୋଦ କୁମାର ମହାନ୍ତି ଏବଂ ନରେନ୍ଦ୍ର ସାମଲ ଶିବିର ପରିଚାଳନା କରିଥିଲେ ।

ଏହି ସଚେତନତା ଶିବିରରେ ଅଗ୍ରଣୀ ଚାଷୀ ଗୋବିନ୍ଦ ସାହୁ,ନିରଞ୍ଜନ ମୁଦୁଲି,ଅରୁଣ ରାଉତ, ପ୍ରଦୀପ୍ତ ବିଶ୍ୱାଳ, ଗୌରୀଶଙ୍କର ମହାପାତ୍ର, ଶରତ ବେହେରା,ଭାଗ୍ୟଧର ରାଉତ,ଲକ୍ଷ୍ମୀଧର ବେହେରା,ପରମାନନ୍ଦ ମହାନ୍ତି, ଭାଗ୍ୟଧର ମୁଦୁଲି,ହରେକୃଷ୍ଣ ରାଉତ,ମହେଶ୍ୱର ସାହୁ, ବଳରାମ ଜେନା,ବାଦଲ ସାମଲ, ଅମୂଲ୍ୟ ମହାନ୍ତି,ଚିତ୍ତରଞ୍ଜନ ଭଞ୍ଜ, ମୃତ୍ୟୁଞ୍ଜୟ ସ୍ୱାଇଁ, ଜଗନ୍ନାଥ ପଣ୍ଡା,ଚିତ୍ତରଞ୍ଜନ ଜେନା,ଜଗନ୍ନାଥ ବେହେରା,ସୁବ୍ରତ ବାରିକ,ନିରଞ୍ଜନ ସାହୁ ପ୍ରମୁଖ ବହୁ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ ।

ବ୍ଲକ ସହକାରୀ କୃଷି ଅଧିକାରୀ ଶ୍ରୀ ପାଣି ଏବଂ ତାଲିମ ପ୍ରାପ୍ତ କୃଷି କର୍ମଚାରୀ ମାନେ କୁହୁଣ୍ଡା ପଞ୍ଚାୟତର ଚାଷୀ ମାନଙ୍କୁ ଅଧିକ ଜ୍ଞାନ କୌଶଳ ଅବଲମ୍ବନ ସହିତ, ଚାଷ ଆରମ୍ଭରୁ ଫସଲ ଅମଳ ପର୍ଯ୍ୟନ୍ତ ବିଭିନ୍ନ ଉପାଦେୟ ତଥ୍ୟ ଜାଣିବା ପାଇଁ ଏହି ଶିବିରରେ ତାଲିମ ପ୍ରଦାନ କରିବା ଦେଖିବାକୁ ମିଳିଥିଲା ।

# ଗୋମତୀ ଆଶ୍ରମରେ ପୁଷ୍ୟାଭୀଷେକ ମହୋତ୍ସବ



ଜଗତସିଂହପୁର ୩।୧(ନି.ପ୍ର)କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଶ୍ରୀଲୋନବଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣଖଣ୍ଡ ସ୍ଥିତ ପୁରାଣ ବର୍ଣିତ ଗୋମତୀ ଆଶ୍ରମର ମଠାଧୀସ ବାବା ଅକ୍ଷୟ ଦେବଦାସ ମହାରାଜଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଶନିବାର ଶ୍ରୀ ଶ୍ରୀ ପୁଷ୍ୟାଭୀଷେକ ମହୋତ୍ସବ ଆଧାତ୍ମିକ ପରିବେଶ ମଧ୍ୟରେ ପାଳନ କରାଯାଇଛି । ପ୍ରଭାତରୁ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ତିନି ଠାକୁରଙ୍କୁ ସିଂହାସନରୁ ପହଣ୍ଡିକରାଇ ଅଭିଷେକ ମଣ୍ଡପରେ ବିଜେ କରାଯାଇଥିଲା । ଏହାସହ ଗୁରୁଦେବ ବାବା ଅକ୍ଷୟ ଦେବଦାସ ମହାରାଜ, ଯୁଗଳ ମୂର୍ତ୍ତି, ଗୋପାଳ ଓ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କୁ ମଣ୍ଡପରେ ବିଜେକରାଯାଇଥିଲା । ପରେ ନୀତିକାନ୍ତି ଅନୁଯାଇ ବ୍ରାହ୍ମଣଙ୍କ ମନ୍ତ୍ର ପାଠରେ ଅଭିଷେକ କରାଯାଇଥିଲା । ଏହି ମହୋତ୍ସବରେ ସୁଦୂର କଲିକତା ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଭକ୍ତ ଶ୍ରଦ୍ଧାଳୁ ଦର୍ଶନ କରି ପ୍ରଭୁଙ୍କ ଆଶିର୍ବାଦ ଭିକ୍ଷ୍ୟା କରିଥିଲେ । ଉତ୍ସବ ଶେଷରେ ପ୍ରସାଦ ସେବନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶ୍ରୀନିବାସ ଦାସ, ପ୍ରାଣବ ଚରଣ ଦାସ, ନିମଇ ଚରଣ ଦାସ ଓ ଉଦ୍ଧବ ଚରଣ ଦାସ ସମେତ ସମସ୍ତ ଅନ୍ତେବାସି ସୂଚାରୁରୂପେ ପରିଚାଳନା କରିଥିଲେ । ଜଗତସିଂହପୁର ମଳୟକୁମାରପାଣିଙ୍କ ରିପୋର୍ଟ

ରବିବାର, ୦୪ ଜାନୁଆରୀ, ୨୦୨୬ ଭୁବନେଶ୍ୱର
SUNDAY, 04 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଜନସେବା କରିବାକୁ ଆପଣ ଆଗ୍ରହୀ କି

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆସନ୍ତୁ, ନେତାଶ୍ରୀ, ଲୋକେ ବହୁ ସମସ୍ୟାର ସମ୍ମୁଖୀନ, ନୀରବ, ଆଉ ରବ ବହୁ ପ୍ରକାରରେ ଚତୁଃଦିର୍ଗରେ ଦୃଶ୍ୟ ଆଉ ଅଦୃଶ୍ୟ କଷ୍ଟରେ ଲୋକେ ତ୍ରାହି ତ୍ରାହି ଡାକ ଦେଉଛନ୍ତି । ଆପଣଙ୍କ ଗୋଚରକୁ ଆସୁଛି, ଆପଣ ଦେଖି ପାରୁଛନ୍ତି, ଶୁଣିବାକୁ ପାଉଛନ୍ତି, ଆପଣଙ୍କୁ ପ୍ରଜାପତି, ପଶୁପତିଙ୍କ କଳା ଆକର୍ଷଣ କରି ଉଛନ୍ନ କରୁଛି । ବସ୍ତୁ କଳା ନେଇକି ଆପଣ ଅବତୀର୍ଣ୍ଣ ହେବା ଟାଣ ସଂକଳ୍ପ ଦିଗକୁ ଭିଡୁଛି, ମୁଁ ଜନତାଙ୍କ ପାଇଁ ସମୟ ଦେବି । ଏ ସଂକଳ୍ପ ମନରେ ଦୃଢ଼ ହେବାରେ ଲାଗିଲାନି, ହେଲେ ଆପଣ କ୍ଷେତ୍ର ଖୋଜିବାରେ ନିଶ୍ଚେ ହେବେ । ଭାବନା ଯଦି ଶୁଦ୍ଧ ତେବେ ଆସିବ ହାତୀଘୋଡ଼ା ପାଲକି । ଜୟ କହେଁଇଆ ଲାଲକି । ଗୋପର ବାଳକଙ୍କୁ କହେଁଇଆ ପ୍ରତୀକ୍ଷା ଥିବା କ୍ଷେତ୍ର ମିଳିଯିବ । ଯଦି ଧନୀ ମାନି ଜମିଦାରୀ ଭାବନା ଉଙ୍କି ମନରେ ଯୋଜନା ବାନ୍ଧୁଛି ତେବେ ଆଠ ଦିଗରୁ ଅଷ୍ଟମଲ୍ଲ ପ୍ରତୀକ୍ଷିତ ଏହା ବି ବୁଝି ପାରିବେ । ନ ହେଲେ ଆଉ ଏକମାର୍ଗ ଉନ୍ମୁକ୍ତ, ଯାହା ନିଜକୁ ମିଶାଇ ଶହେ ଭାଇ ଶତକଡ଼ା ହାସଲ ଉଦ୍ଦିଷ୍ଟ ଭୂମିରେ ଥିବା ଜନତାଙ୍କୁ ନିଜର ଭାଇ ଭଉଣୀ ବୋଲି କହି ନିଜଆଡୁ ନିଜ ଆୟୋଜନରେ ଭବ୍ୟ ସଭା କରି ଉଦଘୋଷ କରିବା, ପୁଣି ସଭାରେ କାନ୍ଦି କାନ୍ଦି ଭାଷଣରେ ଜନତା ଭୋଗ କରୁଥିବା ସମସ୍ୟାର ବୟାନ କରିବା, ଏସବୁ ରାଜନୀତି ଭୋଜବାଦୀ । ଏସବୁ ସ୍ୱାର୍ଥସିଦ୍ଧିର ଏକ ଏକ ସୋପାନ । ନେତା ତ ନେତା ରାମ ନ ହେଲେ କୃଷ୍ଣ ଇଏ ଏକ ଏକ ଏକକ ଆଦର୍ଶ କୃଷ୍ଣ ଏମିତି ତାକୁ ଶେଷ କରିବାକୁ ଶାସନ ଥିବା ରାଜଶକ୍ତି ବିଭିନ୍ନ ମାରଣ ଶକ୍ତି ପ୍ରୟୋଗ କରି ପାରିନାହିଁ । ଶେଷରେ କପଟରେ ଧରିଆଣି ଏକ ସ୍ପୋର୍ଟ୍ସ ପ୍ରତିଯୋଗିତାରେ ମରାଇବା ପ୍ରକ୍ରିୟା ବୃଦ୍ଧି ଲଗାଇ ପ୍ରଜା ଜନଙ୍କୁ ଦେଖାଇବା ପାଇଁ କୌଶଳ ଆୟୋଜନ କରି ପ୍ରଜାଜନଙ୍କୁ ଭୋଜିରେ ଭୋଜନକୁ ଆମନ୍ତ୍ରଣ କରି ସ୍ପୋର୍ଟ୍ସ ଦ୍ୱାହିରେ କୃଷ୍ଣ ଯେ ସର୍ବପ୍ରକାର ବଳବାନ, ଗୋପ ଜନ ଭାବି ନେଇଛନ୍ତି ଭଲ ଦଳପତି ସେ ହେବେ ଆପଦ ବିପଦ ଆତଙ୍କରୁ ଭବିଷ୍ୟତକୁ ବଡ଼ ସାହାରା ହେବେ ଏହା ନିଶ୍ଚିନ୍ତ, ଦିନେ ଏ ପ୍ରବଳ ପ୍ରତାପୀ ହୋଇପାରନ୍ତି । ତାଙ୍କ ପିତୃ ସମ୍ପତ୍ତିକୁ ବଢ଼ାଇବା ସହ ମାତୃଭୂମିର ସୀମାବଢ଼ାଇ ପାରିବେ । ଏଇ ଭାବନାର ଅନ୍ତ କରିବା ମାନସିକତାରେ ସେ ଦେଶର କେନ୍ଦ୍ର ପ୍ରଶାସକ କଂସ ଏକ କପଟ ଆଚରଣର ପଥଧର, ହୋଇ ମଲ୍ଲ ଯୋଦ୍ଧାଙ୍କ ସାଥିରେ ଦ୍ୱନ୍ଦ୍ୱ ଯୁଦ୍ଧ କରି ତାଙ୍କର ସମର୍ଥକ ପ୍ରଶଂସକ ଆଗରେ କଲବଲ କରି ତାଙ୍କରି ପ୍ରିୟ ଦୁଇ ଭାଇଙ୍କୁ ବିକଳାଙ୍ଗ ବା ଜୀବନରୁ ଶେଷ କରିବା ଭାବନା ଉଦ୍ରେକ କରିବା ଚିନ୍ତାରେ ମନକୁ ଆସିଥିଲା ଗୋପରୁ ଲକ୍ଷେ ଭାର ଦୁଗ୍ଧ ସହ ଗୋପିଜନଙ୍କୁ ଡକାଇ ତାଙ୍କରି ସମ୍ମୁଖରେ ମଲ୍ଲଯୁଦ୍ଧର ପ୍ରଦର୍ଶନ କରାଇ କାମ ଫତେ କରିବା ଓ ରାଜବଳ ଆଗରେ ପ୍ରଜାର ଭାବନା କେମକିତି ଓଲଟ ପାଲଟ ହୋଇପାରେ ଏହା ଚେତେଇଦେବା । ଲକ୍ଷେ ଭାର ବିନା ବାହୁଙ୍ଗୀରେ ବିନା ଲକ୍ଷେ ଲୋକରେ ଆସିବା ସମ୍ଭବ ନୁହେଁ, ରାଜଶକ୍ତିର କଟୁଆଳ ଓ ସେନାଶକ୍ତିଙ୍କୁ ଆଦେଶ । ଉଦ୍ଦିଷ୍ଟ ସ୍ଥାନକୁ ଭାରସହ ଭାରୁଆଙ୍କୁ ପ୍ରବେଶ, ବାହୁଙ୍ଗୀ ଏକ ଆୟୁଧ ହୋଇପାରେ ଏ ଭାବନା କଟୁଆଳ ସେନା ମୁଖ୍ୟମାନେ ବୁଝି ପାରିନଥିଲେ ଏମିତିକି ଖୋଦ ରାଜା କଂସ ବୁଝିବି ନଥିଲେ ମଲ୍ଲ ଯୁଦ୍ଧରେ ରାଜପକ୍ଷ ମଲ୍ଲ ଚିତପଟାଙ୍ଗ ହେବା ବେଳେ ଗୋପ ଜନଙ୍କ ବୋଧ ହେଲା ଏ ରାଜ ଚକ୍ରାନ୍ତ ଆକ୍ରୋଶ ରଖି ପେଶାଦାର ମଲ୍ଲଙ୍କ ସହ ଦୁଇ କିଶୋରଙ୍କୁ ଯୁଦ୍ଧ ଲଗାଇ ପଥ ନିଷ୍କଣ୍ଟକ କଂସ ଚାହୁଁଥିଲେ । ତାଙ୍କର ଏବିହ୍ନ ନଷ୍ଟ ଦରକାର ଆରମ୍ଭ ହୋଇଥିଲା ଗୋଳ ବାହୁଙ୍ଗୀ ମାଡ଼ରେ ସେନାପୁଲିଶ ଛିନଛତ୍ର କଂସଙ୍କ କଳ୍ପିତ ପରିବେଶର ଛତ୍ର ଭଙ୍ଗ ହାହୁତାଶରେ କଂସ ସିଂହାସନରୁ ଟଳି ପଡ଼ିଲେ । ଧର୍ମପଥ ହୁଡ଼ାମାନେ ଏହା ହିଁ ଭୋଗନ୍ତି । ଦମ୍ଭ ପାଇଁ ପଦବୀ ବଳ ନୁହେଁ, ଧର୍ମ ବଳ ଦରକାର, ଜନସନ୍ତୋଷ ଦରକାର ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଟୋଫି ତାଲିକାରେ ଏକ ନମ୍ବର ଲଜ୍ୟାଜନକ

ଆସନ୍ତା ୨୦୩୬ ଅଲମ୍ପିକ କ୍ରୀଡା ମହାକୁମ୍ଭ ଆୟୋଜନ ପାଇଁ ଭାରତ ଉଦ୍ୟମ ଜାରି ରଖୁଥିବାବେଳେ ଭାରତୀୟ ଆଥଲେଟ ଓ ପ୍ରଶାସକ ପାଇଁ ଏହା ହେଉଛି କ୍ରମାଗତ ତୃତୀୟ ବର୍ଷର ଲଜ୍ୟା । କହିବା ବାହୁଲ୍ୟ ଯେ, ୱାଲର୍ଡ ଆଂଟି-ଓଡାଫି ଏଜେନସ୍ (ଡବ୍ଲୁଏଡିଏ) ପକ୍ଷରୁ ପ୍ରକାଶିତ ସବିଶେଷ ରିପୋର୍ଟରେ ବିଶ୍ୱରେ ଡୋଫି ବା ନିଶା ଔଷଧ ସେବନ ଟେଷ୍ଟରେ ଧରା ପଡିଥିବା ଆଥଲେଟଙ୍କ ମଧ୍ୟରେ ସର୍ବାଧିକ ହେଉଛନ୍ତି ଭାରତର । କ୍ରମାଗତ ତୃତୀୟ ବର୍ଷ ପାଇଁ ଡୋଫି ବା ନିଶା ଔଷଧ ସେବନକାରୀ ତାଲିକାରେ ଭାରତ ଶୀର୍ଷରେ ରହିଛି । ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ଡୋଫି ଟେଷ୍ଟରେ ଦେଶର ୨୬୦ଜଣ ଆଥଲେଟ୍ ଧରା ପଡିଛନ୍ତି, ଯାହାକି କେବଳ ବିଶ୍ୱରେ ସର୍ବାଧିକ ନୁହେଁ, ଭାରତ ହେଉଛି ଏକମାତ୍ର ରାଷ୍ଟ୍ର ଯେ କି ତିନି ଅଙ୍କ ବିଶିଷ୍ଟ ସଂଖ୍ୟାରେ ପହଁଚିଛି । ଏହା କେବଳ ବିଶ୍ୱ ଆଥଲେଟ ଜଗତରେ ଭାରତକୁ ଲଜ୍ଜିତ କରିନାହିଁ, ୨୦୩୬ ମସିହାରେ ବିଶ୍ୱ ଅଲମ୍ପିକ୍ ମହାକୁମ୍ଭ ପାଇଁ ସ୍ୱପ୍ନ ଦେଖୁଥିବା ଭାରତକୁ ବିବ୍ରତ କରିଦେଇଛି । କାରଣ ଏହା ୨୦୩୬ ବିଶ୍ୱ ଅଲମ୍ପିକ୍ ମହାକୁମ୍ଭ ଆୟୋଜନ ପାଇଁ ଭାରତର ଉଦ୍ୟମ ପ୍ରତି ଗୁରୁଧମକ ସୃଷ୍ଟି କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ବିଶ୍ୱର ମୋଟ ୧୧,୭୪୪ ଜଣ କ୍ରୀଡା ପ୍ରତିଯୋଗୀଙ୍କ ଡୋଫିଂ(ନିଷେଧ ଔଷଧ ସେବନ) ପରୀକ୍ଷା କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭,୧୧୩ ଜଣ ଭାରତୀୟ ଯେଉଁମାନଙ୍କ ମଧ୍ୟରୁ ୬୫୭୬ କ୍ରୀଡା ପ୍ରତିଯୋଗୀଙ୍କର ପରିସ୍ରା ପରୀକ୍ଷା କରାଯାଇଥିବା । ଟୋଫି ଟେଷ୍ଟର ସମ୍ମୁଖୀନ ହୋଇଥିବା ଭାରତୀୟ କ୍ରୀଡା ପ୍ରତିଯୋଗୀଙ୍କ ମଧ୍ୟରୁ ୨୬୦ ଜଣ ନିଶା ଔଷଧ ସେବନ ପରୀକ୍ଷାରେ ବିଫଳ ହୋଇଥିବା କୁହାଯାଇଛି । ସେମାନଙ୍କ ମଧ୍ୟରେ ୨୫୩ ଜଣଙ୍କ ପରିସ୍ରାରେ ନିଶା ଔଷଧ ସେବନର ନମୂନା ମିଳିଥିବାବେଳେ ୭ଜଣଙ୍କ ରକ୍ତ ନମୂନା ପରୀକ୍ଷାରେ ବିଫଳ ହୋଇଛନ୍ତି । ବିଶ୍ୱ ଆଂଟି ଡୋଫି ଏଜେନ୍ସର ରିପୋର୍ଟ ଅନୁଯାୟୀ ୨୦୨୪ରେ କ୍ରୀଡା ପ୍ରତିଯୋଗୀମାନଙ୍କର ଡୋଫି ନିୟମାବଳୀ ଉଲଂଘନ କ୍ଷେତ୍ରରେ ପଜିଟିଭି ହାର ୩.୬ ପ୍ରତିଶତ ରହିଛି, ଯାହାକି ବିଶ୍ୱରେ ସର୍ବୋଚ୍ଚ ବୋଲି କୁହାଯାଇଛି । କହିବା ବାହୁଲ୍ୟ ଯେ, ବିଶ୍ୱର ବହୁ ରାଷ୍ଟ୍ରର ସର୍ବାଧିକ ସଂଖ୍ୟାକ କ୍ରୀଡା ପ୍ରତିଯୋଗୀ ଡୋଫି ଟେଷ୍ଟର ସମ୍ମୁଖୀନ ହୋଇଥିବାବେଳେ ସେମାନଙ୍କ ପଜିଟିଭ୍ ହାର ଅତ୍ୟନ୍ତ ନଗନ୍ୟ ରହିଛି । ଫ୍ରାନ୍ସର ୧୧,୦୦୦ କ୍ରୀଡା ପ୍ରତିଯୋଗୀଙ୍କ ମଧ୍ୟରୁ ୯୧ଜଣ ଟୋଫି ପରୀକ୍ଷାରେ ବିଫଳ ହୋଇଥିବାବେଳେ ରୁଷର ୧୦,୦୦୦ ଖେଳାଳୀଙ୍କ ମଧ୍ୟରେ ମାତ୍ର ୭୦ ଜଣ ବିଫଳ ହୋଇଛନ୍ତି । ଟୋଫି ଟେଷ୍ଟରେ ସର୍ବାଧିକ ସଂଖ୍ୟାକ କ୍ରୀଡା ପ୍ରତିଯୋଗୀ ଧରାପଡିବା ନିଶ୍ଚିତ ଭାବରେ ଭାରତର କ୍ରୀଡା ବିକାଶ ଅଭିଯାନ ପ୍ରତି ପ୍ରତିବନ୍ଧକ ସୃଷ୍ଟି କରିବା ଆଶଙ୍କାକୁ ଅଣ ଦେଖାକରାଯାଇ ନପାରେ । ଯେଉଁ ସମୟରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତା ଆୟୋଜନକ କରିବାକୁ ଯାଉଛି ଏବଂ ୨୦୩୬ ବିଶ୍ୱ ଅଲମ୍ପିକ୍ କ୍ରୀଡା ମହାକୁମ୍ଭ ପାଇଁ ପ୍ରଥମ ଥର ପାଇଁ ଆୟୋଜନ କରିବାକୁ ଯୋରଦାର ପ୍ରୟାସ ଜାରି ରଖିଛି, ସେହି ସମୟରେ ରେକର୍ଡ ସଂଖ୍ୟାକ ଖେଳାଳୀ ଟୋଫି ଟେଷ୍ଟରେ ବିଫଳ ହେବା ନିଶ୍ଚିତ ଭାବେ ଭାରତର କ୍ରୀଡା ଅଭିଯାନ ପ୍ରତି ଗୁରୁ ଧମକ ସୃଷ୍ଟି କରିଛି ବୋଲି କୁହାଯାଇପାରେ । ଭାରତରେ ଅଲମ୍ପିକ କ୍ରୀଡା ମହୋତ୍ସବ ଆୟୋଜନ ନେଇ ଭାରତର କୁଟନୈତିକ ପ୍ରୟାସ ନେଇ କୌଣସି ସନ୍ଦେହ ନାହିଁ । ମାତ୍ର ଏହି ପ୍ରୟାସ ଟୋଫି ଅପବାଦ ଯୋଗୁଁ ବିଫଳ ହୋଇପାରେ । ଭାରତରେ ଏହି ସର୍ବବୃହତ ତଥା ମର୍ଯ୍ୟାଦାଜନକ କ୍ରୀଡା ମହାକୁମ୍ଭ ନେଇ ଆନ୍ତର୍ଜାତିକ ଅଲମ୍ପିକ୍ କମିଟି ଏବେ ସୁବିଧାସୁଯୋଗ, ବ୍ୟବସ୍ଥା ନେଇ ଅନୁଧ୍ୟାନ କରୁଛି । ତେବେ ଅଲମ୍ପିକ୍ କମିଟିର କୌଣସି ନିଷ୍ପତି ପୂର୍ବରୁ ଭାରତ ପ୍ରଥମେ ଲଜ୍ୟାଜନକ ପରିସ୍ଥିତି ସୃଷ୍ଟି କରିଥିବା ଆଥ୍ଲେଟିକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟକୁ ଗ୍ରହଣ କରିବା ଆବଶ୍ୟକ । ଏହା ନିସନ୍ଦେହ ଯେ, ଭାରତରେ କ୍ରୀଡାକୁ ଗରିବୀକୁ ହଟାଇବା ପାଇଁ ଏକ ସିଡି ବା ସୋପାନ ଭାବେ ମନେ କରାଯାଏ । ଏକ ଜାତୀୟ ହେଉ ବା ଆନ୍ତର୍ଜାତିକ କ୍ରୀଡା ପଦକ ଯୋଗୁଁ ଏକ ସରକାରୀ ଚାକିରି ଥୟ । ଏଥିପାଇଁ ଯେକୌଣସି ଉପାୟକ ଏକ ମେଡାଲ (ପଦକ) ହାସଲ ପ୍ରତିଯୋଗୀଙ୍କ ମନୋଭାବ ପାଲଟିଛି । ଏପରି ମନୋଭାବ ରଖୁଥିବା କିମ୍ବା ନିଶା ଔଷଧର ଆଶ୍ରୟ ନେଉଥିବା ଆଥ୍ଲେଟମାନଙ୍କୁ ତୁରନ୍ତ ବିଦା କରାଯିବା ଜରୁରୀ ।

# ବିଗତ ପଚିଶ ଏବଂ ଆଗାମୀ ପଚିଶ : ଅମୃତକାଳଖଣ୍ଡର ସମ୍ଭାବନା

### ଦୁର୍ଗେଶ ନନ୍ଦନ ମହାପାତ୍ର

ବର୍ଷ ୨୦୨୫ ସରିଲା ଓ ୨୦୨୬ ପାଦ ଥାପିଲା ଏହାସହ ଏକବିଂଶ ଶତାବ୍ଦୀର ୨୫ ବର୍ଷର (ରୌପ୍ୟ ଜୟନ୍ତୀ) ପରିସମାପ୍ତି ଘଟିଲା ଓ ଆଗାମୀ ୨୫ବର୍ଷର ଯାତ୍ରା ଆରମ୍ଭ ହେଲା ।୨୦୫୦ ଯାଏଁ ବିଶ୍ୱର ସୁବର୍ଣ୍ଣ ଜୟନ୍ତୀ ଅଭିମୁଖେ ଏକ ମହାଯାତ୍ରା ଚାଲିବ ।ସୁସ୍ଥ ରହି ବଞ୍ଚିଥିଲେ ଏହି ଅମୃତ ମୁହୂର୍ତ୍ତର ନିଶ୍ଚିତ ସାକ୍ଷୀ ହୋଇପାରିବା ।ତେବେ ବର୍ଷ ୨୦୨୫ ତ ଯାଇଛି ସତ କିନ୍ତୁ ୨୦୨୫ ସହ ଚାଲିଯାଇଛି ଏକବିଂଶ ଶତାବ୍ଦୀର ସୁଦୀର୍ଘ ୨୫ ବର୍ଷ ।ଅନେକ ଘଟଣା, ଦୁର୍ଘଟଣା, ଆଶା, ସମ୍ଭାବନା ଓ ପରିବର୍ତ୍ତନର ବର୍ଷ ଥିଲା ଏହି ଦୀର୍ଘ ୨୫ ବର୍ଷ ଓ ଅନେକ ଘଟଣା, ଆଶା ଓ ସମ୍ଭାବନାକୁ ସାଥି କରି ବର୍ଷ ୨୦୨୬ ଆଗାମୀ ୨୫ବର୍ଷକୁ ଧରି ବିଶ୍ୱ ଦରବାରରେ ପାଦ ଥାପିଛି ।

ଅତୀତ ପୃଷ୍ଠାକୁ ଯାଇ ତର୍ଜମା କଲେ କେତେ କଣ ଆମ ଆଖି ସାମ୍ନାରେ ଭାସିଯାଏ । ଆଜି ଯାହା ଅଛି ୨୫ ବର୍ଷ ପୂର୍ବରୁ ତାହା ନଥିଲା ଯଥା:- ଇଣ୍ଟରନେଟ ଅତି ସୀମିତ ଥିଲା, ସୋସିଆଲ ମିଡ଼ିଆ , ସ୍ମାର୍ଟ ଫୋନ, ଓଟିଟି ଆପ, ଡିଜିଟାଲ ପେମେଣ୍ଟ ସିଷ୍ଟମ, ସମସ୍ତ ନାଗରିକଙ୍କ ପାଇଁ ବ୍ୟାଙ୍କ ଖାତା ସୁବିଧା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ଇତ୍ୟାଦି କିଛି ନଥିଲା ।ଫୋନ ନାଁରେ କେବଳ ସୀମିତ ପରିବାରରେ ଲ୍ୟାଣ୍ଡଲାଇନ ସଂଯୋଗ ଥିଲା ଓ ବାହାରେ ଏସଟିଡି ବା ପିସିଓ ବୁଥ ଥିଲା ଯେଉଁଥିରେ ଟଙ୍କା ପକାଇ ଗପିବା ବି ଅନେକଙ୍କ ପାଇଁ କଷ୍ଟସାଧ୍ୟ ଥିଲା ।ସେହିପରି ଟିଭି ନାଁରେ ମଧ କିଛି ସୀମିତ ଘରେ କଳାଧଳା ଟିଭି ସଂଯୋଗ ବ୍ୟବସ୍ଥା ଥିଲା ।ଗୋଟିଏ ଟିଭିରେ ସମ୍ପୂର୍ଣ୍ଣ ପରିବାର ମନୋରଞ୍ଜନ କରୁଥିଲେ ଓ ଦରକାର ପଡିଲେ ପାଖ ପଡୋଶୀ ମଧ ଆସି ସେହି ଗୋଟିଏ ଟିଭି ଦେଖୁଥିଲେ ।ନବେ ଦଶକର ଅନ୍ତିମ ବର୍ଷଗୁଡିକରେ ଏସବୁ ପ୍ରାୟତଃ ନଥିଲା କହିଲେ ଚଳେ ।ଏହାପରେ ଏକବିଂଶ ଶତାବ୍ଦୀର ଆରମ୍ଭ ଅର୍ଥାତ ୨ ହଜାର ମସିହା ପରେ ପରେ ମନୋରଞ୍ଜନ ଓ ଯୋଗାଯୋଗର ମାଧ୍ୟମ ବଢିବା ଆରମ୍ଭ ହୋଇଥିଲା ସତ କିନ୍ତୁ ଅତି ସୀମିତ ଥିଲା । ଧୀରେ ଧୀରେ ଲ୍ୟାଣ୍ଡଲାଇନ ଫୋନ କର୍ଡଲେସ ଫୋନରେ ପରିବର୍ତ୍ତିତ ହେଲା ଓ ଏହାପରେ ମୋବାଇଲର ଆବିଷ୍କାର ହେଲା ।କଳାଧଳା ଟିଭି ରଙ୍ଗୀନ ଟିଭିରେ ପରିବର୍ତ୍ତିତ ହେଲା ।ଆଣ୍ଟିନା ସଂଯୋଗରେ ଚାଲୁଥିବା ଟିଭି ଘରୋଇ କେବୁଲ ସଂସ୍ଥା ସଂଯୋଗରେ ଚାଲିଲା ।ସୀମିତ ହେଲେ ବି ସୁଦ୍ଧା ଡେସ୍କଟପ କମ୍ପ୍ୟୁଟରର ଆବିଷ୍କାର ହେଲା ଓ ଏହାପରେ ଇଣ୍ଟରନେଟର କାୟା ବିସ୍ତାର ହେଲା ।ଏକବିଂଶ ଶତାବ୍ଦୀର ପ୍ରଥମ ପଚିଶ ବର୍ଷର ଆରମ୍ଭ ଥିଲା କିଛି ଏହିଭଳି ।କିଛି ଥିଲା... କିଛି ନଥିଲା ଓ ଅନେକ କିଛିର ଅୟମାରମ୍ଭ ଘଟିଲା ।ସେଥିପାଇଁ ଏହାକୁ ସଙ୍ଗମ ଯୁଗ କୁହାଗଲା ।

ଆମ ଦେଶ କଥା କହିବାକୁ ଗଲେ ୨ ହଜାର ମସିହା ପ୍ରବେଶ କରିବା ବେଳକୁ ଭାରତର ଅର୍ଥ ବ୍ୟବସ୍ଥା ୪୨ ଲକ୍ଷ କୋଟି ଟଙ୍କାର ଥିଲା ଓ ସୂଚୀରେ ଆମ ଦେଶର ସ୍ଥାନ ଥିଲା ୧୩ କିନ୍ତୁ ବର୍ତମାନ ଯେତେବେଳେ ଏକବିଂଶ ଶତାବ୍ଦୀର ପ୍ରଥମ ୨୫ ବର୍ଷ ପାର ହୋଇସାରିଛି ସେତେବେଳେ ଆମ ଦେଶର ଅର୍ଥ ବ୍ୟବସ୍ଥା ୩୩୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରିଛି ଏବଂ ଆମେରିକା, ଚୀନ ଓ ଜର୍ମାନୀ ପରେ ବିଶ୍ୱ ସୂଚୀରେ ଭାରତ ଚତୁର୍ଥ ବଡ଼ ଅର୍ଥବ୍ୟବସ୍ଥା ଥିବା ଦେଶର ମାନ୍ୟତା ପାଇପାରିଛି ।ଏହା ନିଶ୍ଚିତ ରୂପେ ବଡ ଉପଲବ୍ଧି ।୨ ହଜାର ମସିହା ଆରମ୍ଭ ବେଳକୁ ଆଜିର ମୂଲ୍ୟକୁ ଦେଖିବାକୁ ଗଲେ ପ୍ରତିବ୍ୟକ୍ତି ବାର୍ଷିକ ଆୟ ୩୯,୭୩୭ ଟଙ୍କା ଥିଲା କିନ୍ତୁ ଏବେ ତାହା ୨ ଲକ୍ଷ ୫୮ ହଜାର ଟଙ୍କାରେ ପହଞ୍ଚିପାରିଛି ।୨ ହଜାର ମସିହା ଆରମ୍ଭ ବେଳକୁ ମାତ୍ର ୩୫୧ ଷ୍ଟାର୍ଟ ଅପ ଥିଲା କିନ୍ତୁ ଏବେ ବାର୍ଷିକ ଷ୍ଟାର୍ଟ ଅପ ସଂଖ୍ୟା ୧୬ ହଜାରରେ ପହଞ୍ଚିପାରିଛି ।ବିଗତ ୨୫ ବର୍ଷ ଭିତରେ ଦକ୍ଷିଣ ଏସିଆରେ ଅର୍ଥାତ ଭାରତର ସୀମାକୁ ଲାଗିଥିବା ମୁଖ୍ୟ ପଡୋଶୀ ଦେଶମାନଙ୍କରେ ରାଜନୈତିକ ଅସ୍ଥିରତା ଲାଗିରହିଥିଲା ଯାହା ଏହି ପଡୋଶୀ ଦେଶମାନଙ୍କର ଶାସନ ବ୍ୟବସ୍ଥା ଦୋହଲାଇ ଦେଇଥିଲା କିନ୍ତୁ ଭାରତରେ ସ୍ଥିର ଶାସନ ବ୍ୟବସ୍ଥା ଅନେକ ଉନ୍ନତିର ବାଟ ଫିଟାଇଥିଲା ।୬ ଶହ ବର୍ଷର କଡା ଆଇନଗତ ସଂଗ୍ରାମ ଲଢ଼ିବା ପରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ନିର୍ମାଣ ଓ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ହେଉ ବା ତ୍ରିପଲ ତଲାକର ଉଚ୍ଛେଦ ହେଉ ବା କାଶ୍ମୀର ପ୍ରସଙ୍ଗ ସହ ଜଡ଼ିତ ଅନୁଚ୍ଛେଦ ୩୭୦ର ଉଚ୍ଛେଦ ହେଉ ବା ଜିଏସଟି ସଂସ୍କାର ହେଉ ବା ଡିମନିଟାଇଜେସନ ଭଳି ଐତିହାସିକ ନିଷ୍ପତ୍ତି ହେଉ ଏସବୁ ବଡ଼ ବଡ଼ ପରିବର୍ତ୍ତନ ଏହି ୨୫ ବର୍ଷ ଭିତରେ ସମ୍ଭବ ହୋଇପାରିଛି ।୨ ହଜାର ମସିହା ଆରମ୍ଭରୁ ଯେଉଁ ଭାରତ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରି ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ପାକିସ୍ତାନକୁ ବାକ୍ୟବୀର ଚେତାବନୀ ଦେଇ କିଛି ଆତଙ୍କବାଦୀଙ୍କ ଗିରଫ ଭିତରେ ସୀମିତ ରହୁଥିଲା ଏବେ ନୂଆ ଭାରତ କର୍ମବୀର ସାଜି ପାକିସ୍ତାନ ଭିତରେ ପଶି ଉଚିତ ଜବାବ ଦେବା ଜାଣିଛି ଓ ଏହାର ଉଦାହରଣ ପାଲଟିଥିଲା ଆମ ବୀର ସେନାବାହିନୀଙ୍କ ଦ୍ୱାରା କରାଯାଇଥିବା ଏୟାର ଷ୍ଟ୍ରାଇକ, ସର୍ଜିକାଲ ଷ୍ଟ୍ରାଇକ ଓ ଅପରେସନ ସିନ୍ଦୁର ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ।

ଯେ ତ ଗଲା ବିଗତ ୨୫ ବର୍ଷର ଘଟଣା ଓ ଉପଲବ୍ଧି କିନ୍ତୁ ଆଗାମୀ ୨୫ ବର୍ଷ ଅର୍ଥାତ ୨୦୨୬ ରୁ ୨୦୫୦ ପର୍ଯ୍ୟନ୍ତ ଯାତ୍ରା କିପରି ରହିବ ଏବଂ କେଉଁ କେଉଁ ପ୍ରସଙ୍ଗ ମୁଖ୍ୟ ଚର୍ଚ୍ଚାର ବିଷୟ ରହିବ ଯଦି ତାକୁ ଦେଖିବାକୁ ଯିବା ତେବେ କିଛିଟା କଥା ସାମ୍ନାକୁ ଅଣାଯାଇପାରେ ଯେପରି କି ଅଯୋଧ୍ୟା ଭଳି ମଥୁରା-କାଶୀ (ମନ୍ଦିର-ମସଜିଦ) ବିବାଦ ଓ ଏହାକୁ ନେଇ ଆଇନଗତ ଲଢେଇ ପ୍ରସଙ୍ଗ, ସକାରାତ୍ମକ ଦିଗରୁ କଳନା କରାଯାଇପାରେ ଯେ ଭାରତର ଅର୍ଥବ୍ୟବସ୍ଥା ବିଶ୍ୱସୂଚୀରେ ତୃତୀୟ ସ୍ଥାନରେ ପହଁଞ୍ଚିବ ଏବଂ ଉତ୍ପାଦନ-ସେବା କ୍ଷେତ୍ରରେ ଅଗ୍ରଗତି ଓ ଡିଜିଟାଲ ଇକୋନୋମୀରୁ ଜିଡିପିରେ ଅଭିବୃଦ୍ଧିର ସମ୍ଭାବନା ବଢିବ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅଗ୍ରଗତି ଓ ରୋବଟ ନିର୍ମାଣ ଓ ବ୍ୟବହାରରେ ମଧ ଦେଶ ନୂଆ ସମ୍ଭାବନାକୁ ଛୁଇଁବ । ଇଲେକ୍ଟ୍ରୋନିକ, ସେମିକଣ୍ଡକ୍ଟର ଚିପ୍ସ, ଡିଫେନ୍ସ (ପ୍ରତିରକ୍ଷା) ଏବଂ ଗ୍ରୀନ ଟେକ କ୍ଷେତ୍ରରେ ଭାରତ ବିଶ୍ୱବଜାରରେ ବଡ ନିର୍ମାତା ହେବ ।ସ୍ୱଦେଶୀ ସାମାଜିକ ଗଣମାଧ୍ୟମ ବା ସ୍ୱଦେଶୀ ସୋସିଆଲ ମିଡ଼ିଆ ନେଟୱାର୍କ କ୍ଷେତ୍ରରେ ମଧ ଭାରତ ନୂଆ ସମ୍ଭାବନାକୁ ଛୁଇଁବ ଯାହା ଦ୍ୱାରା ଆମକୁ ପାଶ୍ଚାତ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡିବନି ।ତେବେ ଏସବୁ ତ ତ ଗଲା କିଛି କ୍ଷେତ୍ର କଥା ଯାହାର ଭବିଷ୍ୟତ ଆକଳନରୁ ଉଲ୍ଲେଖ କରାଗଲା କିନ୍ତୁ ମୋଟାମୋଟି ଭାବେ କହିବାକୁ ଗଲେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଅନ୍ତରିକ୍ଷ (ମହାକାଶ) ବିଜ୍ଞାନ, ପ୍ରତିରକ୍ଷା, ଶିକ୍ଷା, ମାନବ ସମ୍ବଳ ବିକାଶ ଆଦି ଅନେକ କ୍ଷେତ୍ରରେ ଆଗାମୀ ୨୫ ବର୍ଷ ଭିତରେ ଆମ ଦେଶରେ ବିଶାଳ ଉନ୍ନତି ଦେଖିବାକୁ ମିଳିବ ଏହା ନିଃସନ୍ଦେହ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ସବୁପରେ ବି ଭାରତର ବିବିଧ ପରମ୍ପରା, ଭାଷା, ସଂସ୍କୃତି, ବେଦ, ଯୋଗ ବିଜ୍ଞାନ, ସଂସ୍କାର ଏବଂ ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତି ହେଉଛି ଭାରତର ମୂଳଅସ୍ତିତ୍ୱ ।ଅନେକ ସାଧୁସନ୍ଥ, ଋଷିମୁନି,ଆଧ୍ୟାତ୍ମିକ ଗୁରୁ ଓ ଦର୍ଶନଶାସ୍ତ୍ରୀଙ୍କ ମତରେ ଭାରତ ଅନ୍ୟ ଯେକୌଣସି କ୍ଷେତ୍ରରେ ଯେତେ ଉନ୍ନତି କରୁ ନା କାହିଁକି ଆଧ୍ୟାତ୍ମିକତା ସ୍ତରରେ ମଧ ସେତିକି ଉଚ୍ଚକୁ ଯିବାକୁ ପଡିବ ଯାହାଦ୍ୱାରା ଭାରତ ବିଶ୍ୱସ୍ତରରେ ବିଶ୍ୱଗୁରୁର ପରିଚୟ ପାଇପାରିବ ।ସାରା ଦୁନିଆ ଆଧ୍ୟାତ୍ମିକ ଶାନ୍ତି ପାଇବା ପାଇଁ ଭାରତକୁ ଧାଇଁଆସେ ଓ ସବୁ ଆବଶ୍ୟକତାକୁ ପୂରଣ କରି ଯଦି ଆମ ଦେଶ ଆଧ୍ୟାତ୍ମିକ ଶାନ୍ତି ସମଗ୍ର ବିଶ୍ୱକୁ ଦେଇପାରିଲା ତାହା ହେଲେ ଯାଇ ଆଗାମୀ ୨୫ ବର୍ଷ ସତରେ ଭାରତ ପାଇଁ ଅମୃତକାଳ ହେବ ଏଥିରେ କୌଣସି ଅତ୍ୟୁକ୍ତି ନାହିଁ ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର

# ମମି ବ୍ରେନ୍

### ପ୍ରଫେସର ଡାକ୍ତର ସମ୍ରାଟ କର

ଆପଣଙ୍କ ସହିତ ଏମିତି କେବେ ହୋଇଛି ନୂଆ କରି ମା' ହେବା ପରେ ଛୋଟ ଛୋଟ କଥା ଭୁଲି ଯାଉଥିବେ । ରୁମକୁ ଦୌଡ଼ି କରି ଯିବେ । ହେଲେ କ'ଣ ପାଇଁ ଆସିଛନ୍ତି ଭୁଲିଯାଇଥିବେ । ନ ହେଲେ ହାତରେ ଗାଡ଼ି ଚାବି କିମ୍ବା ଫୋନ ଧରି ପୁରା ରୁମ ଖୋଜୁଥିବେ । ଯଦି ଆପଣ ଏମିତି ସମସ୍ୟା ଦେଇ ଗତି କରୁଥାନ୍ତି ତା' ହେଲେ ହୁଏତ ଆପଣ ମମି ବ୍ରେନ ସମସ୍ୟା ଭୋଗୁଥାଇ ପାରନ୍ତି । ଏହି ମମି ବ୍ରେନ କ'ଣ ଶୁଣିବାକୁ ଏହି ଶବ୍ଦ ଅଜବ ଲାଗୁଥିଲେ ମଧ ଏହା ଏକ ପ୍ରକାର ମାନସିକ ସମସ୍ୟା । ଯେଉଁଥିରେ ମୁଣ୍ଡ ଠିକ୍ ଭାବେ କାମ କରେ ନାହିଁ ଏବଂ ଧୀରେ ଧୀରେ ଜିନିଷ ସବୁ ଭୁଲି ହୋଇଯାଏ । ମମି ବ୍ରେନ ଲକ୍ଷଣ ଗର୍ଭବତୀ ଏବଂ ନୂଆକରି ମା' ହୋଇଥିବା ମହିଳାମାନଙ୍କ ଠାରେ ଦେଖିବାକୁ ମିଳେ । ଅନେକ ଅନୁସନ୍ଧାନରୁ ଜଣାପଡ଼ିଛି ପିଲା ଜନ୍ମ ହେବାପରେ ମା'ଙ୍କ ଉପରେ ବିଭିନ୍ନ ପ୍ରକାର ମାନସିକ ଚାପ ପଡ଼ିଥାଏ ଏବଂ ବେଳେ ବେଳେ ଏହାର ପ୍ରଭାବ ଅଧିକ ଦିନ ପର୍ଯ୍ୟନ୍ତ ରହିଥାଏ । ବ୍ରିଟିଶ କଲମ୍ବିଆ ୟୁନିଭର୍ସିଟିର ଏକ ରିସର୍ଚ୍ଚରୁ ଜଣାପଡ଼ିଛି ମା' ହେବା ପରେ ମହିଳାଙ୍କର ସ୍ମୃତି ଶକ୍ତି ଉପରେ ସ୍ଥାୟୀ ପ୍ରଭାବ ପଡ଼ିଥାଏ ।

ନେଚର ନ୍ୟୁରୋସାଇନ୍ସରେ ପ୍ରକାଶିତ ଏକ ଅଧ୍ୟୟନ କୁହେ, କୌଣସି ମହିଳା ମା' ହେବା ପରେ ମସ୍ତିଷ୍କର ଅନେକାଂଶରେ ଗ୍ରେ ମ୍ୟାଟର ମାତ୍ରା କମିଯାଇଥାଏ । ଏହି ପରିବର୍ତ୍ତନ ପାଖାପାଖି ଦୁଇ ବର୍ଷ ପର୍ଯ୍ୟନ୍ତ ରହିଥାଏ । ମା'ହେବା ପରେ ମହିଳାଙ୍କ ମସ୍ତିଷ୍କରେ ଘଟୁଥିବା ବିଭିନ୍ନ ପରିବର୍ତ୍ତନ ଉପରେ ଅନେକ ଅଧ୍ୟୟନ କରାଯାଇଛି । ଗର୍ଭାବସ୍ଥା ଏବଂ ମା' ହେବା ପରେ ସ୍ମୃତିଶକ୍ତି ହ୍ରାସ ପାଇବା ସାଧାରଣ । ନବଜାତ ପିଲାର ଆବଶ୍ୟକତା ପୂରଣ କରିବା ସହିତ ନିଦର ଅଭାବ ପରି ସମସ୍ୟା ସବୁ ନୂଆ ମା'ଅନୁଭବ କରନ୍ତି । ଏହା ମମି ବ୍ରେନର କାରଣ ହୋଇଥାଏ । ମମି ବ୍ରେନକୁ ନେଇ ସବୁ ମା'ଙ୍କ ଅଭିଜ୍ଞତା ସମାନ ହୋଇନଥାଏ । କିଛି ମହିଳା ପ୍ରସବର କିଛି ଦିନ ପରେ ଏହି ସମସ୍ୟାରୁ ମୁକ୍ତି ପାଇଯାଆନ୍ତି । ଆଉ କିଛି ମହିଳା ବର୍ଷେ କିମ୍ବା ଦୁଇବର୍ଷ ପର୍ଯ୍ୟନ୍ତ ଏହି ସମସ୍ୟାରେ ପୀଡ଼ିତ ଥାଆନ୍ତି । ମମିବ୍ରେନରେ ପୀଡ଼ିତ ମହିଳାଙ୍କ ମସ୍ତିଷ୍କ ଶୂନ୍ୟ ହୋଇଯାଇଥାଏ । ତାଙ୍କୁ କିଛି କିଛି କଥା ମନେ ରଖିବାରେ ସମସ୍ୟା ହୋଇଥାଏ ଏବଂ ତାଙ୍କ ମୁଣ୍ଡକୁ ନୂଆ ଭାବନା ବି ଆସିନଥାଏ । ଅନେକ ସମୟରେ ସେମାନେ ଚିକିତ୍ସକଙ୍କ ସହ ସାକ୍ଷାତ କରିବା ଓ କାହା ସହ ଜରୁରୀ କଥା ହେବାକୁ ମଧ ଭୁଲିଯାଇଥାନ୍ତି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ମୋବାଇଲରେ ପାଠ ପଢ଼ା

### ଗିରିଧାରୀ ସାମଲ

ମୋବାଇଲ ଆଁରେ ପୁରା ଶୈବ । ଖେଳକୁଦ, ଗୀତନାଚ, ଆଈମାଆ କାହାଣୀ, ଅଜାଙ୍କ ସହ ବଜାରବୁଲା ଆଦି ସବୁ କିଛି ଏବେ କେବଳ ବହିର ପୃଷ୍ଠା ପାଲଟିଛି । ବାସ୍ତବ ଜୀବନରେ ତ ସେ ସବୁର ସ୍ଥାନ ମୋବାଇଲ ଫୋନ ନେଇସାରିଛି । ବିଶେଷକରି କୋଭିଡ଼ ମହାମାରୀ ପରଠାରୁ ପାଠପଢ଼ାରେ ମୋବାଇଲକୁ ଯୋଡ଼ାଯିବା ପରେ ଏହି ସମସ୍ୟା ଅଧିକ ବୃଦ୍ଧି ପାଇଛି । ଅନଲାଇନ କ୍ଲାସ, ଅନଲାଇନ ଟ୍ୟୁସନ, ହ୍ୱାଟସଆପରେ ହୋମୱାର୍କ ଯୋଗୁଁ ପିଲାଟିଏ ମୋବାଇଲକୁ ଧରିବାକୁ ବାଧ ହେଉଛି । ଏଭଳି ପରିସ୍ଥିତିରେ ଅଭିଭାବକ ଚାହିଁଲେ ମଧ ନିଜ ପିଲାକୁ ମୋବାଇଲଠୁ ଦୂର କରିପାରୁନାହାନ୍ତି ।



ଚଳିତ ମାସ ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ୧୨ ବର୍ଷ ବୟସ ଭିତରେ ପିଲାଙ୍କୁ ମୋବାଇଲ ବ୍ୟବହାର କରିବାକୁ ଦେଲେ ଶିଶୁ ଭିତରେ ମୁଣ୍ଡ ବିନ୍ଧା, ନିଦ୍ରାହୀନତା, ଦୃଷ୍ଟିହୀନତା, ମାନସିକ ଅସ୍ଥିରତା ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ । ସେହିପରି ଚଳିତ ବର୍ଷ ଜୁଲାଇ ମାସରେ ଜର୍ଣ୍ଣାଲ ଅଫ ଦି ହ୍ୟୁମାନ ଡେଭଲପମେଣ୍ଟ ଆଣ୍ଡ କ୍ୟାପାବିଲିଟିଜରେ ପ୍ରକାଶିତ ଅଧ୍ୟୟନ ଅନୁସାରେ, ପିଲାମାନଙ୍କୁ ୧୩ ବର୍ଷ ବୟସ ପୂର୍ବରୁ ସ୍ମାର୍ଟଫୋନ ଦେବା ଅନୁଚିତ । ଏହା ମାନସି ରୋଗର କାରଣ ହୋଇପାରେ । ଏହା ପିଲା ଭିତରେ ଜୀବନ ହାରିବା ଭଳି ମାନସିକତା ବି ସୃଷ୍ଟି କରିପାରେ ।

ପିଲାମାନଙ୍କୁ ମୋବାଇଲ ଜରିଆରେ କ୍ଲାସ ୱାର୍କ ପଠାଇବା, ହୋମୱାର୍କ ଦେବା ଆଦିରୁ ଶିକ୍ଷକ ଶିକ୍ଷୟିତ୍ରୀ ବିରତ ରହିବା ଉଚିତ । କରୋନା ପୂର୍ବରୁ ପିଲାଏ ପାଠପଢ଼ା କ୍ଷେତ୍ରରେ ମୋବାଇଲ ଉପରେ ନିର୍ଭର କରୁନଥିଲେ । ସେତେବେଳେ କ'ଣ ସେମାନେ ପାଠ ପଢୁନଥିଲେ ନା ସେତେବେଳେ ପିଲା କେହି ଡାକ୍ତର, ଇଞ୍ଜିନିୟର ହେଉନଥିଲେ ଏବେ କିଛି ବର୍ଷ ହେଲା ପିଲାମାନଙ୍କୁ ପାଠ ପଢ଼ିବାକୁ କହିଲେ ସେମାନେ ଆଗ ମୋବାଇଲ ମାଗୁଛନ୍ତି । କାହିଁକି ନା, ସେମାନଙ୍କର ଅଧା ପାଠ ରହୁଛି ହ୍ୱାଟସଆପ ଗ୍ରୁପରେ । ମୋବାଇର କୁପରିଣାମ ଜାଣିବା ପରେ ବି ଅଭିଭାବକ ସେମାନଙ୍କ ପିଲାଙ୍କୁ ବାରଣ କରିପାରୁନାହାନ୍ତି । ବାରଣ କଲେ ପଢ଼ାରେ କ୍ଷତି ହେବା ଭୟ ରହୁଛି । ବିଚରା ଅଭିଭାବକ କ'ଣ କରିବେ

ଆଜିକାଲି ସବୁ ପିଲା ମୋବାଇଲ ଧରୁଛନ୍ତି । ଟିକେ ଧନୀ ଘର ହେଲେ ତ ପିଲାଙ୍କୁ ବ୍ୟକ୍ତିଗତ ଫୋନ ଦିଆଯାଉଛି । ଏହା ଅବାଟକୁ ଯିବା ପାଇଁ ବାଟ ଖୋଲି ଦେଉଛି । ସେଥିପାଇଁ ତ ଅଷ୍ଟ୍ରେଲିଆ ୧୬ ବର୍ଷରୁ କମ ବୟସ୍କ ପିଲାଙ୍କ ପାଇଁ ମୋବାଇଲ ବ୍ୟାନ କରିଦେଲା । ଏବେ ପିଲାମାନେ ମୋବାଇଲ ସହ ଏତେ ଅଭ୍ୟସ୍ତ ଯେ ବାପାମାଆ କହିଲେ ବି ସେମାନେ ଛାଡ଼ିବେନି । ଆମେ ସେମାନଙ୍କ ହାତରୁ ସିଧା ମୋବାଇଲ ଛଡ଼ାଇ ନେଇପାରିବା ନାହିଁ । ହେଲେ ସେମାନଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖିବା ଲାଗି ବିଭିନ୍ନ ବାଟ ଅଛି । ଅଭିଭାବକମାନଙ୍କ ପାଇଁ କେତୋଟି ନିର୍ଦ୍ଦିଷ୍ଟ ସଫ୍ଟୱେର ଅଛି । ସେମାନେ ସେହି ସଫ୍ଟୱେର ଜରିଆରେ ପିଲାଙ୍କ ଉପରେ ନଜର ରଖିପାରିବେ । ପିଲାଙ୍କ ମୋବାଇଲରେ ନିଜ ମେଲ ଆଇଡି ଦେଲେ ସେମାନଙ୍କ ସର୍ଚ୍ଚ ହିଷ୍ଟ୍ରି ଆପଣ ଦେଖିପାରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟେଲିଗ୍ରାମ ଓ ସ୍ନାପଚାଟ କିମ୍ବା କିଛି ଗେମ ଆପ ଦେଖିଲେ ତୁରନ୍ତ ତାହାକୁ ହଟାଇଦେବେ । ଏଗୁଡ଼ିକ ସବୁ ଏକ ପ୍ରକାରର ନିଶା । ପିଲା ଏହା କବଳରେ ପଡ଼ିଗଲେ ମୁକୁଳିବା ମୁସ୍କିଲ ।

ପୁଣି ବହୁ ଅଭିଭାବକ ପିଲାଙ୍କୁ ମୋବାଇଲ ଦେଇ ଆର୍ଥିକ କ୍ଷତି ବି ସହୁଛନ୍ତି । ବିଭିନ୍ନ ପ୍ରକାର ଅନଲାଇନ ଗେମ କେବଳ ଟଙ୍କା ଶୋଷିବାକୁ ଅଛି । ପିଲା ଥରେ ଗେମ ନିଶାରେ ପଡ଼ିଗଲେ ଆପ ଯେତେଥର ଟଙ୍କା ମାଗିବ ସେମାନେ ଖେଳ ଆଶାରେ ସେତେଥର ନିଜ ବାପାମାଆଙ୍କ ୟୁପିଆଇରୁ ଟଙ୍କା ଦେଇଚାଲିବେ । ବିଭିନ୍ନ ଆପରେ ତ ଅଟୋପେ ସେଟିଂ ରହିଛି । ଥରେ ଲଗଇନ କଲେ ନିର୍ଦ୍ଦିଷ୍ଟ ସମୟରେ ଟଙ୍କା କଟି ଚାଲିବ । ସେଥିପାଇଁ ପିଲାଙ୍କର ନିଶା ହେବା ପୂର୍ବରୁ ଅଭିଭାବକ ତାହାକୁ ରୋକିବା ଜରୁରୀ । ପିଲାଙ୍କ ପାଇଁ ମୋବାଇଲ ଆଜିର ସମୟରେ ଏକ ଅତ୍ୟାବଶ୍ୟକ ଜ୍ଞାନର ଭଣ୍ଡାର ପାଲଟିଛି ଏହାକୁ କେହି ଅସ୍ୱୀକାର କରିବେ ନାହିଁ କିନ୍ତୁ ଏଥିରେ ନିୟନ୍ତ୍ରଣ ରହିବା ଜରୁରୀ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ



# ପାଟଣେଶ୍ୱରୀ ମହୋତ୍ସବ ଲାଗି ଏନ୍‌ଏଚ୍ ୫୭ ରାସ୍ତା ସୌନ୍ଦର୍ଯ୍ୟକରଣ ହେବ

# ଆଲୋକ ସଜ୍ଜା ଏବଂ ବିଭିନ୍ନ ଆର୍ଟ ଚିତ୍ର ସ୍ଥାନ ପାଇବ

ବଲାଙ୍ଗିର,୩ା୧ (ନି.ପ୍ର) : ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ୧୫୦ ବର୍ଷ ପୁର୍ତ୍ତି ଉତ୍ସବ ଲାଗି ଆସନ୍ତା ଫେବୃୟାରୀ ମାସରେ ଚାଲିଥିବା ବେଳେ ଏହି ଅବସରରେ ବଲାଙ୍ଗିର ମ୍ୟୁନିସିପାଲିଟି ଚେୟାରମେନ ଲିକା ସାହୁଙ୍କୁ ଦେବାଳୟ ଐତିହ୍ୟ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ୪ଗୋଟି ପ୍ରସ୍ତାବ ମହୋତ୍ସବ ପାଇଁ ଦିଆଯାଇଛି । ଲୋକନାଥ ମନ୍ଦିର ରୁ ମାଁ ପାଟଣେଶ୍ୱରୀ ମନ୍ଦିର ରାସ୍ତାରେ ଏନ୍ ?ଏଚ୍ ୫୭ ରାଜପଥ ରାସ୍ତାରେ ସ୍ୱଚ୍ଛତା ଏବଂ ବଲାଙ୍ଗିର ର ଐତିହ୍ୟ କଳାକିର୍ତ୍ତି ଆଙ୍କିବା ପାଇଁ ଏବଂ ଆଲୋକ ସଜ୍ଜା ବିଭିନ୍ନ ବୃକ୍ଷ ରାସ୍ତାକଡରେ ଲଗାଇବା, ଜଳାଶୟ ଏବଂ ବିଭିନ୍ନ ରାସ୍ତାରେ ଆଲୋକ ସଜ୍ଜା ପାଇଁ ଦାବି କରିଥିଲେ । ଏହି ଉତ୍ସବ ଉଦ୍ଦେଶ୍ୟରେ ପୌର ପ୍ରଶାସନ ସବୁ ସହଯୋଗ କରିବ ବୋଲି ଆଲୋଚନା କରିଥିଲେ । ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପଦେଷ୍ଟା ସୁରେନ୍ଦ୍ର କୁମାର ନେଗୀ, କବି ଅର୍ଜୁନ ସାହୁ, ରିଣ୍ଟୁ ସାହୁ, ଭବାନି ଶଙ୍କର ଭୋଇ,ସଂପାଦକ ପ୍ରଶାନ୍ତ ମହାକୁର ସାମିଲ ଥିଲେ । ଏହି ଉଦ୍ଦେଶ୍ୟରେ ୧୫୦ ବର୍ଷ ପୁର୍ତ୍ତି ଅବସରରେ ଲୋଗୋ ପୌରାଧକ୍ଷାଙ୍କୁ ଅର୍ପଣ କରାଯାଇଥିଲା ।



# ଆଜିଠାରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ମାତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାର ଶୁଭାରମ୍ଭ; ୭୦୦ରୁ ଅଧିକ ଚାଷୀଙ୍କ ଯୋଗ

ରାୟଗଡ଼ା, ୩ା୧ (ନି.ପ୍ର) : ଆଜି ଠାରୁ ଦୁଇଦିନିଆ ଜିଲ୍ଲାସ୍ତରୀୟ ମାତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ ବିଧାୟକ ଶ୍ରୀଯୁକ୍ତ ଆପାଲ ସ୍ୱାମୀ କାଡ୍ରାକା ଯୋଗଦେଇ ଗୋ-ପୂଜନ ସହିତ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଚାଷୀଙ୍କୁ ୫,୦୦୦ ଟଙ୍କାର ଚେକ ସହ ସର୍ଟିଫିକେଟ୍ ବିତରଣ କରିଥିଲେ। "ଆତ୍ମନିର୍ଭରତା ହିଁ ବିକଶିତ ଭାରତର ମୂଳ ମନ୍ତ୍ର" ସ୍ଲୋଗାନ୍ ପ୍ରଦାନରେ ମାତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଭିଡିଓ ମାଧ୍ୟମରେ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାଏକ,ସିଡିଡିଓ ଡ଼. ମୃଣ୍ମୟ କୁମାର ପଣ୍ଡା, ଡେପୁଟି ଡାଇରେକ୍ଟର ମାତ୍ସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗୋମଙ୍ଗୋ ଓ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା, ଜିଲ୍ଲା ପରିଷଦ ସଦସ୍ୟ ପ୍ରସନ୍ତ କୁଲେଶିକା, ପଦ୍ମବତୀ ମଣ୍ଡଙ୍ଗୀ, ସନ୍ଧ୍ୟାରାଣୀ ପୁଆଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ବିଧାୟକ ଆପକ୍ଷଲ ସ୍ୱାମୀ କାଡ୍ରାକା ଚାଷୀଙ୍କ ସଂଘର୍ଷ ଓ ଗୁରୁତ୍ୱ ଉପରେ ଆଲୋକପାତ କରି "ଚାଷୀ ମକ୍ଷନେ ଖକ୍ଷଦ୍ୟ ଯୋଗାଇବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ" ବୋଲି ସମ୍ଭାଷିତ କହିଲେ ଯେ 'ଜୟ ଯବାନ୍, ଜୟ କିଷାନ୍' ନାରା ଦେଇ ଘରୋଇ ପଶୁମାନଙ୍କ ପ୍ରତି ଗୁରୁତ୍ୱ ଦେଇଥିଲେ। "ଯୌତୁକ ରେ ଗାଇ, ଛେଳି ଦେଉଥିଲୁ" କହି ଦେଶୀ ଗାଇକୁ 'ଗୋମାତା' ବୋଲି ଉଲ୍ଲେଖ କରି ପ୍ରଶାସନିକ ପ୍ରାୟୋଗିକ ଯୋଜନା ପରିଚାଳନାରେ ଆହ୍ୱାନ ଜଣାଇଥିଲେ।

ବୈଜ୍ଞାନିକ ଡ଼. ଦେବେନ୍ଦ୍ରନାଥ ବିଶ୍ୱାଳ ଗୋ-ପାଳନରୁ ଲାଭ ଉପରେ ନିଜର ବକ୍ତବ୍ୟ ଦେଇଥିଲେ। ସିଡିଡିଓ, ଡେପୁଟି ଡାଇରେକ୍ଟର ମାତ୍ସ୍ୟ ଓ ଡିଏଫ୍‌ଓ ବିଭିନ୍ନ ଯୋଜନା ଓ ବୀମା ସୁବିଧା ବିଷୟରେ ଆଲୋଚନା କରିଥିଲେ। ରାମନଗୁଡ଼ା ପଞ୍ଚାୟତ୍ ସମିତି ଅଧ୍ୟକ୍ଷ ରବିଶଙ୍କର ଗୋମଙ୍ଗୋ ଓ ରାୟଗଡ଼ା ଅଧ୍ୟକ୍ଷ ଟୁନି ହୁଇକା ଆର୍ଗାନିକ୍ ଚାଷକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟମାନେ ପ୍ରସନ୍ତ କୁଲେଶିକା, ପଦ୍ମବତୀ ମଣ୍ଡଙ୍ଗି ବିଭିନ୍ନ ଯୋଜନାରେ ଆବେଦନ କରିବାକୁ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏଡିଏମ୍ (ଜେନେରାଲ୍) ନବୀନ ଚନ୍ଦ୍ର ନାୟକ ପ୍ରଶାସନିକ ସହଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଉତ୍କୃଷ୍ଟ ଚାଷକାର୍ଯ୍ୟ ପାଇଁ ବିଶ୍ୱନାଥ ମିନିଆକା, ନିର୍ମଳା ମୁଟିକା, ପି. ଆପଲା ନାୟିଡୁ, ବିଜୟ ମିନିଆକାଙ୍କୁ ୫,୦୦୦ ଟଙ୍କାର ଚେକ ସହ ସର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା ଏବଂ ସାଂସ୍କୃତିକ୍ କାର୍ଯ୍ୟରେ ପ୍ରକାଶ ଚନ୍ଦ୍ର ମୁଦୁଲି ଙ୍କୁ ପୁରସ୍କୃତ କରା ଯାଇଥିଲା।

# ସାତଦିନର କଣ୍ଟଦେଲା ସିପିଆଇ(ଏମ)

# ଧାନକିଣା ନହେଲେ ରାସ୍ତାରୋକ ଚେତାବନୀ

ନୀଳଗିର,୩ା୧ (ନି.ପ୍ର) : ଔପଚାରିକ ଭାବେ ନୀଳଗିରି ରେ ଧାନ ମଣ୍ଡି ଖୋଲା ଯାଇଥିଲେ ହେଁ, ନୀଳଗିରି ଉପଖଣ୍ଡରେ ଚାଷୀଙ୍କ ଠାରୁ ଧାନକିଣା ଯାଉ ନାହିଁ। ଆଗାମୀ ୭ଦିନ ମଧ୍ୟରେ ଧାନ କିଣା ଆରମ୍ଭ ନ ହେଲେ, ସିପିଆଇ ( ଏମ) ରାସ୍ତାରୋକ କରିବବୋଲି ଆଜି ଅପରାହ୍ନ ତିନିଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିପିଆଇ(ଏମ)ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର। ନୀଳଗିରି ତଳସଡ଼କ ପଞ୍ଚମୁଖୀ ହନୁମାନମନ୍ଦିର ନିକଟସ୍ଥ ସିପିଆଇ (ଏମ) କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର ପ୍ରଥମେ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇବା ପରେ ନୀଳଗିରିର ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କର ସତ୍ୟ, ନିର୍ଭୀକ ଏବଂ ସାଧୁ ଉଦ୍ୟମ ଫଳରେ ୨୦୨୫ମସିହାରେ ନୀଳଗିରି ପ୍ରଶାସନ, ଅଞ୍ଚଳର ଚାରୋଟି ପ୍ରମୁଖ ସମସ୍ୟା ସମାଧାନ କରିବାକୁ ଯାଉଥିବା ସୁଚାଇଥିଲେ। ମୁଖ୍ୟତଃ ନୀଳଗିରିର ଐତିହ୍ୟ କୁହାଯାଉଥିବା ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲଡିଭିଜନ ପୋତିପକାଇଥିବା ବେଳେ, ଏହାର ପୁନରୁଦ୍ଧାର ପାଇଁ ସିପିଆଇ (ଏମ) ଏବଂ ଅନ୍ୟ ରାଜନୈତିକ ଦଳଙ୍କ ସହିତ ବିଭିନ୍ନ ସାମାଜିକ ସଂଗଠନର ପ୍ରବଳବିରୋଧ ପରେ ପୁନର୍ବାର ଉକ୍ତ ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ଅନୁରୂପ ଭାବେ ସ୍ଥାନୀୟ ପ୍ରଶାସନ ଇକୋ ସେନସ୍ଟିଭ ଜୋନ ବାହାନାରେ ଅଭୟାରଣ୍ୟ ଅଞ୍ଚଳର ବାସିନ୍ଦାମାନଙ୍କୁ ଉଚ୍ଛେଦ ଆଳରେ ବାରମ୍ବାର ନୋଟିସ ଲଗାଇବା ବନ୍ଦ କରି ଥିବାରୁ ସାମ୍ବାଦିକଙ୍କ ପାଇଁ ଏହା ସମ୍ଭବ ହୋଇଥିବା ସୂଚନା ଦେଇଥିଲେ।



ଏତଦଭିନ୍ନ କୁଳଡିହା ଅଭୟାରଣ୍ୟରେ ବନବିଭାଗ ଶିକାରୀ ବାହାନାରେ ନିରୀହ ଆଦିବାସୀ ମାନଙ୍କୁ ଗିରଫକରି ଅକଥନୀୟ ନିର୍ଯାତନା ଦେଉଥିବା ବେଳେ, ଏବେ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କମହେବା, ଏବଂ ଶେଷରେ କେସିପୁର ପଞ୍ଚାୟତ କଇମହୁଡ଼ି ଗ୍ରାମର ମକରା ସୋରେନ ଗୟଳ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ ହେଁ ବନବିଭାଗ ତଥା ପ୍ରଶାସନ କୌଣସି କ୍ଷତିପୂରଣ ପାଇଁପଦକ୍ଷେପ ନେଉ ନଥିଲେ। ଜୀବନଜୀବିକା ଏବଂ ଭିଟାମାଟି ସୁରକ୍ଷାମଞ୍ଚର ବିକ୍ଷୋଭ ଏବଂ ଦୃଢ଼ଦାବୀ ପରେ, ସମ୍ପୃକ୍ତ ବିଭାଗ ମୃତ ମକରା ସୋରେନର ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ଏବଂ ଏହାର କାର୍ଯ୍ୟକାରୀ ହେଉଥିବାରୁ ଗଣମାଧ୍ୟମର ନିର୍ଭୀକ ଲେଖନୀ ଏବଂ ପ୍ରସାରଣ ପାଇଁ ସମ୍ଭବ ହୋଇପାରିଛି ବୋଲି ଶ୍ରୀ ପାତ୍ରଙ୍କ ସମେତ ଅମରେନ୍ଦ୍ର ନାୟକ, ସିପିଆଇ(ଏମ) ଆଞ୍ଚଳିକକମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ହରେନ୍ଦ୍ର ସେଠୀ, ଉମାକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୩ା୧ (ନି.ପ୍ର) : ଜିଲ୍ଲା ପ୍ରଦକ୍ଷଣ ଭବନରେ ପାଣି ପଞ୍ଚାୟତ ପକ୍ଷ-୨୦୨୬ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ ରାଜ୍ୟସରକାରଙ୍କ ନିଷ୍ପତି କ୍ରମେ ଚଳିତ ଜାନୁଆରୀ ୬ ତାରିଖ ଠାରୁ ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଡିଭିଜନ ଓ ଜିଲ୍ଲାସ୍ତରୀୟ ଭାବେ ପାଳନ କରାଯିବ। ପାଣି ପଞ୍ଚାୟତର ସୁଫଳ ଓ ଏହାର କାର୍ଯ୍ୟକାରିତା ନିମନ୍ତେ ଥିବା ଯୋଜନାଗୁଡିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଯେଉଁ ସଚେତନତାର ଆବଶ୍ୟକତା ରହିଛି ସେଥିପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି, କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପମାନ ଖୋଲା ଯାଇ ସଚେତନ କରାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ।



ଏହାବ୍ୟତୀତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଚନା, ବକ୍ତୃତା, କୁଇଜ୍ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଡିଭିଜନ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୨୫୦୦,୨୦୦୦ ଓ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୦୦୦, ୨୫୦୦ ଓ ୨୦୦୦ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରାଯିବ। ଜାନୁଆରୀ ୧୩ ତାରିଖରେ ଜଣ୍ଟିଲୋ ଡାକବଙ୍ଗଳାଠାରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ସମାରୋହରେ ଜିଲ୍ଲାର ପାଣିପଞ୍ଚାୟତ ସଦସ୍ୟମାନେ ଯୋଗ ଦେବେ। ଜିଲ୍ଲା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୧୩ ତାରିଖ ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଜାନୁଆରୀ୬ତାରିଖରେ ପାଣିପଞ୍ଚାୟତ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାର ସମସ୍ତ ବ୍ଲକ ସଦର ମହକୁମା ଓ ମୁଖ୍ୟ ସେଚାଞ୍ଚଳ ଆଦି ଗସ୍ତ କରି ସଚେତନତା ବାର୍ତ୍ତା ବଣ୍ଟନ କରିବ। ରାଜ୍ୟସରକାରଙ୍କ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସରଂକ୍ଷଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମ୍ପର୍କିତ ଯୋଜନା ଓ ପାଣିପଞ୍ଚାୟତର ଉପକାରିତା ସମ୍ପର୍କରେ ଲୋକକଳା ମାଧ୍ୟମରେ ଜିଲ୍ଲାସ୍ତରୀୟ ସମାରୋହରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ଶ୍ରେଷ୍ଠ ବିବେଚିତ କୃଷକ ଜାନୁଆରୀ ୨୦ ତାରିଖରେ ରାଜ୍ୟସ୍ତରୀୟ ସମାରୋହରେ ସମ୍ବର୍ଦ୍ଧିତ ହେବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠି, ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ, ଏଡିଭିଓ ଡାକ୍ତର ମନିଷ କୁମାର ସିଂହ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ, କୃଷି, ଶିକ୍ଷା, ଉଦ୍ୟାନ କୃଷି, ଉଠା ଜଳସେଚନ, ମୃତ୍ତିକା ସରଂକ୍ଷଣର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# 'ମହାପୁରୁଷଙ୍କ ସମ୍ପର୍କରେ ଜଣାଇବା ପାଇଁ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା କରାନ୍ତୁ'

# ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ 'ଓଡ଼ିଆ ସାହିତ୍ୟକୁ କବିଗୌରବ ପଣ୍ଡିତ ନାରାୟଣଙ୍କ ଅବଦାନ' ଶୀର୍ଷକ ସମ୍ମାନ

## - କବି ମଣୀନ୍ଦ୍ରକୁମାର ମେହେରଙ୍କୁ କବିଗୌରବ ପଣ୍ଡିତ ନାରାୟଣ ସ୍ମୃତି ସମ୍ମାନ

ଖୋର୍ଦ୍ଧା,୩ା୧ (ନି.ପ୍ର) : ମହାପୁରୁଷଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଭବିଷ୍ୟତର ଉତ୍ତର ପୀଢ଼ିଙ୍କୁ ଅବଗତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଖ୍ୟାତନାମା କବି, ଲେଖକ ପ୍ରଫେସର ମଣୀନ୍ଦ୍ରକୁମାର ମେହେର ଆହ୍ୱାନ ଦେଇଛନ୍ତି। ଓଡ଼ିଆ ସାହିତ୍ୟ ଏକାଡ଼େମୀ ଓ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ ତମ ଜୟନ୍ତୀ ପରିପ୍ରେକ୍ଷୀରେ 'ଓଡ଼ିଆ ସାହିତ୍ୟକୁ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଅବଦାନ' ଶୀର୍ଷକ ସମ୍ମାନରେ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ପ୍ରଫେସର ମେହେର ତାଙ୍କ ପଣିବାପା ଗଙ୍ଗାଧରଙ୍କ ସ୍ମୃତିଚାରଣ କରିବା ସହ ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ 'ଚିଲିକା ଦର୍ଶନ', 'ପୁଣ୍ୟଶ୍ଳୋକ', 'ଭୋଟରଭାବନା' ଓ 'ଦଶଦିଗ' ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ । ବରେଣ୍ୟ ଅତିଥି ରୂପେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଗୋପାଳକୃଷ୍ଣ ଦାସ ଯୋଗଦେଇ ରାଧାନାଥ ଓ ଗୋପବନ୍ଧୁ 'ଚିଲିକା' ସମ୍ପର୍କରେ ଲେଖିଥିବାବେଳେ ପଣ୍ଡିତ ନାରାୟଣ ସେଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼.ବୃନ୍ଦାବନ ପଣ୍ଡା ଓ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବାଣୀଭଣ୍ଡାରକୁ ଯେଉଁ ମହାର୍ଘ୍ୟ କାବ୍ୟ ଦାନ କରିଯାଇଛନ୍ତି, ସେ ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଡ଼.ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ପଣ୍ଡିତ ମିଶ୍ରଙ୍କ କାବ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଏହି କାଳଜୟୀ କାବ୍ୟ ଯେଭଳି ପ୍ରତିଟି ସ୍ତରର ଲୋକଙ୍କ ନିକଟରେ ପହଞ୍ଚିପାରିବ ସେଥିନେଇ ଆଲୋକପାତ କରିଥିଲେ। ସଭାମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହରଲାଲ ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରି ପଣ୍ଡିତ ମିଶ୍ରଙ୍କ ଠାରେ ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ସାଧନା ଓ ସମାଜସେବା ଆଦି ମହାନ୍ ପ୍ରତିଭା ଦେଖିବାକୁ ମିଳିଥିଲା ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ କବିଗୋ ?ରବ ପଣ୍ଡିତ ନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଆମରିସତ୍ୟର ପ୍ରତିଷ୍ଠାତା ଡ଼.ପ୍ରମୋଦଚନ୍ଦ୍ର ଦାଶ, ଆଡ଼ଭୋକେଟ ନୃସିଂହନାଥ ମିଶ୍ର, ବିଜେପି ନେତା ରାଜୀବଲୋଚନ ଷଡ଼ଙ୍ଗୀ, ସମାଜସେବୀ ଇତିଶ୍ରୀ ସାହୁ, ସାମ୍ବାଦିକ ପ୍ରଦୀପ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଡ଼.ଚପଳା ପଣ୍ଡା, ବରିଷ୍ଠ ଆଡ଼ଭୋକେଟ ଶକ୍ତିଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ କହିଥିଲେ। ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରଫେସର ମେହେର ମାଲ୍ୟାର୍ପଣ କରିଥିଲେ। ଏଥିରେ ପଣ୍ଡିତ ମିଶ୍ରଙ୍କ ପୁତ୍ରବଧୂ ମନୋରମା ନନ୍ଦ (ମିଶ୍ର) ଥିଲେ। ଶେଷରେ ମା ମଙ୍ଗଳା ଆଦିବାସୀ ମହିଳା ସମିତିର ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ପୋଷଣ ଅଭିଯାନ ୨୦୨୫-୨୬ କାର୍ଯ୍ୟକ୍ରମ ପରିଚାଳନା ଅଧିନ ଜିଲ୍ଲାସ୍ତରୀୟ ଅଭିସରଣ କମିଟି ବୈଠକ

ଖୋର୍ଦ୍ଧା,୩ା୧ (ନି.ପ୍ର) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ପୋଷଣ କାର୍ଯ୍ୟକ୍ରମ ପରିଚାଳନା ଅଧିନ ଜିଲ୍ଲାସ୍ତରୀୟ ଅଭିଶରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ମଞ୍ଚାସିନ ଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଭାରେ ପାୱାର ପଏଣ୍ଟ ଉପକରଣରେ ପୋଷଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଓ ସମସ୍ତ ମଞ୍ଚାସିନ ଅତିଥି ଏବଂ ସଭାରେ ଯୋଗ ଦେଇଥିବା ସମସ୍ତ ସଦସ୍ୟା ସଦସ୍ୟ ମାନଙ୍କୁ ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ଶିଶୁର ଓଜନ ଅଭିବୃଦ୍ଧି ନିମନ୍ତେ ଜିଲ୍ଲାରେ ଜାନୁୟାରୀ ୧ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଜନ ଉତ୍ସବ ପ୍ରତ୍ୟେକ ଭି ଏଚ୍ ଏନ୍ ଡି କେନ୍ଦ୍ରରେ ଅନୁଷ୍ଠିତ ହେବ । ଏହି ମହାନ ଅଭିଯାନକୁ ସଫଳ ରୂପାୟନ ଦେବାପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ନିଷ୍ଠାର ସହ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ଜନପ୍ରତିନିଧି , ଆଶା, ଅଙ୍ଗନୱାଡ଼ି କର୍ମୀ, ସମସ୍ତେ ଏହି ଅଭିଯାନରେ ସାମିଲ ହେବାସହ ଛୁଆ ଓ ମା'ର ଅଭିବୃଦ୍ଧି ନିମନ୍ତେ କି କି ଯତ୍ନର ଆବଶ୍ୟକତା ଅଛି ସେ ସମ୍ବନ୍ଧୀୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗର୍ଭାବସ୍ଥାରେ ଏବଂ ପ୍ରସୂତୀ ମହିଳା ମାନଙ୍କ ଯତ୍ନ ବ୍ୟାପକ କରି ଖୋର୍ଦ୍ଧା ଜିଲ୍ଲାରେ କୌଣସି ଗର୍ଭାବସ୍ଥାରେ ଗର୍ଭସ୍ତ ଶିଶୁର ଅସୁବିଧା, ମା 'ମାନଙ୍କ ଅସୁବିଧା ନହୁଏ ସେଥିପାଇଁ ଆଶା, ଅଙ୍ଗନୱାଡ଼ି କର୍ମୀ, ଅଙ୍ଗୱାଡ଼ି ପରିଦର୍ଶିକା, ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ସ୍ୱାସ୍ଥ୍ୟ ଶିକ୍ଷ୍ୟା ପ୍ରଦାନ କରିବା, ରକ୍ତହୀନତା ଓ ଉଚ୍ଚ ରକ୍ତ ଚାପ ଥିବା ଗର୍ଭବତୀ ମହିଳାଙ୍କ ପ୍ରସବ ସରକାରୀ ଡାକ୍ତରଖାନା ମାନଙ୍କରେ କରାଇବା ସହ ଯେଉଁଠାରେ ରକ୍ତ ମିଳିବାର ସୁବିଧା ରହିଛି ସେହି ସବୁ ସ୍ଥାନ ମାନଙ୍କୁ ଅଗ୍ରାଧିକାର ଦେବାକୁ ଆଶା ଦିଦି, ସ୍ୱାସ୍ଥ୍ୟ କର୍ମୀ ମାନେ ଗର୍ଭବତୀ ମହିଳା ସେମାନଙ୍କ ଅଭିଭାବକ ଉଭୟଙ୍କୁ ସୂଚନା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯେଉଁ ଘରୋଇ ଚିକିତ୍ସାଳୟ ଗୁଡ଼ିକ ପ୍ରସବ ଜନିତ ପ୍ରମାଣକ ସଞ୍ଚାଳନ ପଦ୍ଧତି (ଏସ ଓ ପି) ମାନୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ଅନୁମତି ପତ୍ର ରଦ୍ଦ କରିବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ପରିବାର ମଙ୍ଗଳ ଡାକ୍ତର ପ୍ରଦୀପ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଜୟ କୁମାର ବେହେରା , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ,ଡି ଏମ, ଆର ସି ଏଚ, ରୋଜାଲିନ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହାଆଲ, ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଡି ପି ଏମ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶୁଭକାନ୍ତ ଗନ୍ତାୟତ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ବ୍ଲକର ସି ଡି ପି ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।



## ନଭେମ୍ବରରେ ଯୋଡ଼ିଛି ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ: ଟ୍ରାଇ ତଥ୍ୟ

**ଭୁବନେଶ୍ୱର, ୩୧ (ନି.ପ୍ର) :** ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ଜୟଯାତ୍ରା ଜାରି ରଖି, ରିଲାଏନ୍ସ ଜିଓ ନଭେମ୍ବର ମାସରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) କ୍ଷେତ୍ରରେ ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ନଭେମ୍ବର ମାସରେ ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୫୯ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଏବଂ ୨୫୦୦୦ ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ନଭେମ୍ବର ମାସରେ ଜିଓ ଓଡ଼ିଶାରେ ୧.୫୯ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ୍ ସମାନ ସମୟରେ ୧୦୦୦୦ରୁ ଅଧିକ ମୋବାଇଲ୍ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ସେହି ସମୟ ମଧ୍ୟରେ ଅନ୍ୟ ଦୁଇ ଅପରେଟର ଭୋଡାଫୋନ୍ ଆଇଡିଆ ଏବଂ ବିଏସଏନଏଲ ଉଭୟ ଯଥାକ୍ରମେ ମାତ୍ର ୩୦୨୭ ଏବଂ ୨୪୩୩ ନୂତନ ମୋବାଇଲ୍ ଗ୍ରାହକ ଯୋଡିଛନ୍ତି। ଏହି ଦୃଢ଼ ପ୍ରଦର୍ଶନ ସହିତ, ୩୦ ନଭେମ୍ବର ୨୦୨୫ ସୁଦ୍ଧା ଓଡ଼ିଶାରେ ଜିଓର ପ୍ରାୟ ୧ କୋଟି ୭୧ ଲକ୍ଷ ମୋବାଇଲ୍ ଗ୍ରାହକ ରହିଥିବା ବେଳେ ଏହା ୪୭.୩ ପ୍ରତିଶତରୁ ଅଧିକ ମୋବାଇଲ୍ ଗ୍ରାହକ ବଜାର ଅଂଶ ସହିତ ରାଜ୍ୟରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ସାରା ରାଜ୍ୟରେ ଏହାର ଅତ୍ୟାଧୁନିକ ୪ଜି ଏବଂ ୫ଜି ନେଟୱାର୍କର ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ହାସଲ ସମ୍ଭବ ହୋଇଛି। ଅତି ସୁଲଭ ଜିଓଭାରତ ୪ଜି ଫୋନ, ବିଶେଷକରି ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାଂ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକଙ୍କୁ ୪ଜିକୁ ଅପଗ୍ରେଡ୍ କରି ଡିଜିଟାଲ ଇଣ୍ଡିଆର ସୁଫଳ ପାଇବାରେ ସକ୍ଷମ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ, ନଭେମ୍ବର ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୧ ଲକ୍ଷ ୫୪ ହଜାରରୁ ଅଧିକ ବୃଦ୍ଧି ପାଇ ୩୦ ନଭେମ୍ବର ୨୦୨୫ ସୁଦ୍ଧା ୩ କୋଟି ୬୧ ଲକ୍ଷ ଅତିକ୍ରମ କରିଛି। ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ନଭେମ୍ବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ୨୧ ଲକ୍ଷ ୬୦ ହଜାରରୁ ଅଧିକ ନୂତନ ଗ୍ରାହକ ଯୋଡି ଭାରତର ଡିଜିଟାଲ୍ ପରିବର୍ତ୍ତନର ପ୍ରମୁଖ ବାହକ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ସାରା ଦେଶରେ ୧୩ ଲକ୍ଷ ୮୮ ହଜାରରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ, ୧ ଲକ୍ଷ ୭୦ ହଜାରରୁ ଅଧିକ ନୂଆ ୱାୟାରଲାଇନ୍ ବା ଜିଓଫାଇବର ଗ୍ରାହକ ଏବଂ ୫ ଲକ୍ଷରୁ ଅଧିକ ନୂତନ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ ବା ଜିଓଏୟାରଫାଇବର ଗ୍ରାହକ ନଭେମ୍ବର ମାସରେ ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି।

## ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ଆୟୋଜିତ

**ଭୁବନେଶ୍ୱର, ୩୧ (ନି.ପ୍ର) :** ଭାରତର ଅନ୍ୟତମ ପ୍ରିମିୟର ମ୍ୟାନେଜମେଂଟ୍ ପ୍ରତିଷ୍ଠାନ ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶା ସହଯୋଗରେ 'ବିକଶିତ ଭାରତ ପାଇଁ ଓଡ଼ିଶାରେ ଯୁବବର୍ଗଙ୍କ ସଶକ୍ତୀକରଣ' ବିଷୟବସ୍ତୁ ଉପରେ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଏଲଗ୍ ଆୟୋଜନ କରାଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଏକ ଅଭିଯାନ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ବିକଶିତ ଭାରତ ୨୦୪୭ ପାଇଁ ରହିଥିବା ଜାତୀୟ ଲକ୍ଷ୍ୟ ପ୍ରତି ଯୋଗଦାନ ପ୍ରଦାନ କରିବାରେ ଯୁବ ଲିଡର୍ ଓ ଅଂଶୀଦାରଙ୍କୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନାକୁ ସୁଦୃଢ଼ କରିବା।

ଏହି ରାଉଣ୍ଡ୍ ଟେବୁଲ୍ କାର୍ଯ୍ୟକ୍ରମରେ ମାଇଁ ଭାରତସମ୍ବଲପୁରର ଯୁବ ପ୍ରତିନିଧି ଓ ଆଦିବାସୀ ଯୁବ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦ ପ୍ରତିନିଧି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ସମନ୍ୱିତ ଯୁବ ନେତୃତ୍ୱ, ନବସୃଜନ, ପ୍ରଶାସନ, ଅନ୍ତର୍ଭୁକ୍ତୀକରଣ ବିକାଶ ଓ ଆଂଚଳିକ ସ୍ୱତନ୍ତ୍ର ଅଭିବୃଦ୍ଧି ରଣନୀତି ବିଷୟ ଉପରେ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରିଥିଲା।

ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶାର ଅଧକ୍ଷ ଓ ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ, ଏନୱାଇକେଏସ୍ ଶ୍ରୀ ସତ୍ୟ ପ୍ରକାଶ ପଟ୍ଟନାୟକ, ନିହାର ରନ ଦାଶ, ଓଡିଶା ସରକାରଙ୍କ ବିଶେଷ ସଚିବ ଏବଂ ଅଭା ମିଶ୍ରା, ରାଜ୍ୟ ପ୍ରମୁଖ, ୟୁଏନ୍‌ଡିପି ଓଡିଶା ଯୋଗଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଗଠନରେ ପ୍ରତ୍ୟକ୍ଷ ଭାବେ ଯୋଡ଼ିହେବାରେ ଯୁବବର୍ଗଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଲିଡର, ଶିଳ୍ପ ବିଶେଷଜ୍ଞ ଓ ନୀତି ନିର୍ମାତାମାନେ ବିକଶିତ ଭାରତ ୨୦୪୭ ସମ୍ପର୍କିତ ୧୦ଟି ବିଷୟ ଉପରେ ପ୍ରମୁଖ ଆହ୍ୱାନ, ଉଦୀୟମାନ ସୁଯୋଗ ଓ ଅଭିନବ ସମାଧାନ ଉପରେ ଆଲୋଚନା କରିଥିଲେ। ଆଲୋଚନାରେ ଓଡ଼ିଶାର ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ବିଷୟ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ନିରନ୍ତର ବିକାଶ ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏହି ଅବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, 'ଯେତେବେଳେ ଶିକ୍ଷା ଜରିଆରେ ଏଆଇର ସମ୍ଭାବନାକୁ ବୁଝିବା ଓ ପ୍ରୟୋଗ କରିବା ବିଷୟରେ ଯୁବବର୍ଗ ସଶକ୍ତ ହୋଇଥାନ୍ତି ସେତେବେଳେ ପ୍ରଭାବଶାଳୀ ସମାଧାନ ସୃଷ୍ଟି ହେବାର ସମ୍ଭାବନା ଅପାର ହୋଇଥାଏ। ଏଆଇ ଆଧାରିତ ନସୃଜନନ ବିଶ୍ୱସ୍ତରୀୟ ଆହ୍ୱାନ ସମେତ ଭାରତରେ ସମ୍ବଲପୁର ଭଳି ଛୋଟ ସହରଠାରୁ ଆରମ୍ଭ କରି ମେଟ୍ରୋପଲିଟାନ ସହର ପର୍ଯ୍ୟନ୍ତ ସହରାଂଚଳ ସମସ୍ୟାର ସମାଧାନ କରିପାରିବ। ପ୍ରକୃତ ପରିବର୍ତ୍ତନ ଶିକ୍ଷାଦାନରୁ ଶିକ୍ଷା ଗ୍ରହଣକୁ ପରିବର୍ତ୍ତନ ହେବା ଦରକାର ଯେଉଁଠାରେ ଶିକ୍ଷା, ଶିଳ୍ପ ଓ ପ୍ରଶାସନରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭାବନା ଓ ସମସ୍ୟା ସମାଧାନରେ ଉନତି ଆଣିପାରିବ। ତାହା ହେଉଛି ବିକଶିତ ଭାରତ ପାଇଁ ପଥ ଯେଉଁଠାରେ ଶିକ୍ଷା ଆଧାରିତ ଓ ପ୍ରଯୁକ୍ତି ପରିଚାଳିତ ସମାଧାନ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତକୁ ଆକାର ପ୍ରଦାନ କରିବ।''

ପ୍ରୋଜେକ୍ଟ ପଏଂଟ୍ ଓଡ଼ିଶାର ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ କହିଛନ୍ତି ଯେ, 'ବିକଶିତ ଭାରତ ସ୍ୱପ୍ନ ସେତେବେଳେ ସାକାର ହୋଇପାରିବ ଯେତେବେଳେ ତୃଣମୂଳ ଓ ଆଦିବାସୀ ସମୁଦାୟ ସମେତ ପ୍ରତିଟି ଅଂଚଳର ଯୁବବର୍ଗ ରାଷ୍ଟ୍ର ଗଠନ ଯାତ୍ରାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବେ। ଏହି ଡାଏଲଗର ଲକ୍ଷ୍ୟ ହେଉଛି ସ୍ଥାନୀୟ ବାସ୍ତବତାକୁ ନେଇ ମିଳିତ ଭାବେ ସମାଧାନ ପ୍ରସ୍ତୁତ କରିବା ସହ ୨୦୪୭ ସୁଦ୍ଧା ଭାରତର ସାମଗ୍ରିକ ଲକ୍ଷ୍ୟ ପ୍ରତି ଅର୍ଥପୂର୍ଣ୍ଣ ଯୋଗଦାନ ପ୍ରଦାନ କରିବାରେ ଯୁବବର୍ଗଙ୍କୁ ସଶକ୍ତ କରିବା।''

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ପୂର୍ବତନ ନିର୍ଦ୍ଦେଶକ, ଏନୱାଇକେଏସ୍ ଶ୍ରୀ ସତ୍ୟ ପ୍ରକାଶ ପଟ୍ଟନାୟକ କହିଛନ୍ତି ଯେ, 'ମାଇଁ ଭାରତ ଯୁବବର୍ଗଙ୍କୁ ପରିବର୍ତ୍ତନକାରୀ ଦୃଷ୍ଟିରେ ଦେଖୁଛି ଓ ଏଭଳି କାର୍ଯ୍ୟକ୍ରମରେ ସେହି ଲକ୍ଷ୍ୟକୁ ଢ଼ାଂଚାଗତ ଅଂଶଗ୍ରହଣ, ନେତୃତ୍ୱ ବିକାଶ ଓ ତୃଣମୂଳ ପ୍ରଭାବରେ ପରିଣତ କରୁଛି। ତେଣୁ ଏକ ପ୍ରତିକ୍ରିୟାଶୀଳ ପ୍ରଶାସନ ପାଇଁ ଯୁବ ଆଧାରିତ ଆଲୋଚନା ଜରୁରୀ। ଏଭଳି ପ୍ଲାଟଫର୍ମ ଯୁବ ନାଗରିକମାନଙ୍କୁ ନୀତି ପ୍ରସ୍ତୁତି, ଗୋଷ୍ଠୀ ବିକାଶ ଓ ଜନସେବାରେ ଅର୍ଥପୂର୍ଣ୍ଣ ଭାବେ ଯୋଡ଼ିହେବା ପାଇଁ ପ୍ରସ୍ତୁତ କରିବ।''

ଶ୍ରୀ ନିହାର ରନ ଦାଶ, ଓଡ଼ିଶା ସରକାରଙ୍କ ବିଶେଷ ସଚିବ, କହିଲେ, 'ନୂତନ ଶିକ୍ଷା ଦୃଷ୍ଟିକୋଣ ବିଭାଗୀୟ ସୀମା ଓ ପୂର୍ବଧାରଣାକୁ ଅତିକ୍ରମ କରି, ସୃଜନାତ୍ମକ ଅଭିବ୍ୟକ୍ତିରୁ ଆରମ୍ଭ କରି ସଂବିଧାନୀୟ ବୁଝାମଣା ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁର ଆକାଂକ୍ଷାକୁପୋଷଣ କରିବା ଉଚିତ।'

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ନୀତି ନିର୍ମାତା, ଶିକ୍ଷାବିତ୍, ଯୁବ ଲିଡର ଓ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ଭାରତର ଭବିଷ୍ୟତ ବିକାଶ ନକ୍ସାକୁ ଆକାର ପ୍ରଦାନ କରିବାରେ ଯୁବବର୍ଗଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ସୁପାରିସ ପ୍ରଦାନ କରିଥଇଲେ। ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ ଭଳି କାର୍ଯ୍ୟକ୍ରମ ଜରିଆରେ ଆଇଆଇଏମ୍ ସମ୍ବଲପୁର ଶିକ୍ଷାଗତ ଉତ୍କର୍ଷ, ଯୁବ ସମ୍ପୃକ୍ତି ଓ ନୀତି ଆଧାରିତ ପ୍ରକ୍ରିୟାକୁ ବ୍ୟବହାର କରି ଜାତୀୟ ବିକାଶ ଆଲୋଚନାକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ୨୦୪୭ ସୁଦ୍ଧା ବିକଶିତ ଦେଶ ହେବା ପାଇଁ ଭାରତର ଯାତ୍ରାରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ସାମାଜିକ ଦାୟିତ୍ୱବାନ ଲିଡରଙ୍କୁ ପ୍ରସ୍ତୁତ କରିବା ପ୍ରତି ଆଇଆଇଏମ୍ ସମ୍ବଲପୁର ପ୍ରତିବଦ୍ଧ ରହିଛି।

## ଏଆଇଏନୟୁ ପକ୍ଷରୁ ଆଡ୍‌ଭାନ୍ସଡ ରୋବୋଟିକ ସର୍ଜରୀ ପ୍ରୋଗ୍ରାମର ଶୁଭାରମ୍ଭ

**ଭୁବନେଶ୍ୱର, ୩୧ (ନି.ପ୍ର):** ଏସିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନୟୁ), ଭାଇଜାଗ ପକ୍ଷରୁ ୟୁରୋଲୋଜି ଓ ନେଫ୍ରୋଲୋଜି ପାଇଁ ରାଜ୍ୟର ପ୍ରଥମ ଡେଡିକେଟେଡ ରୋବୋଟିକ ସର୍ଜରୀ ପ୍ରୋଗ୍ରାମର ଶୁଭାରମ୍ଭ ଘୋଷଣା କରାଯାଇଛି। ଏଥିସହିତ ଏଆଇଏନୟୁ ସହରରେ ରୋଗୀଙ୍କ ପାଇଁ ସଠିକତା-ଭିତିକ ଶଲ୍ୟ ଚିକିତ୍ସାର ଏକ ନୂତନ ଯୁଗରେ ପ୍ରବେଶ କରିଛି। ଏହି ଅତ୍ୟାଧୁନିକ ରୋବୋଟିକ ଟେକ୍ନୋଲୋଜିର ଶୁଭାରମ୍ଭ ସର୍ବନିମ୍ନ ପ୍ରଭାବିତ ୟୁରୋଲୋଜି ଓ କିଡ୍‌ନୀ ଚିକିତ୍ସାର ଅସ୍ତ୍ରୋପଚାର ପଦ୍ଧତିକୁ ଉନ୍ନତ କରିଛି। ଏଆଇଏନୟୁ ହେଉଛି ଏହି ନୂତନ ଟେକ୍ନୋଲୋଜି ହାସଲ କରିଥିବା ଭାଇଜାଗର ଏକମାତ୍ର ସିଙ୍ଗଲ-ସ୍ପେଶାଲିଟି କିଡ୍‌ନୀ କେୟାର ହସ୍ପିଟାଲ। ଏହା ଗୋଟିଏ ଛାତ ତଳେ ଅତ୍ୟାଧୁନିକ ୟୁରୋଲୋଜିକାଲ ଚିକିତ୍ସାର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରୁଛି। ଆଡ୍‌ଭାନ୍ସଡ ରୋବୋଟିକ ଟେକ୍ନୋଲୋଜିର ଶୁଭାରମ୍ଭ ସହିତ ଏଆଇଏନୟୁରେ ଅନେକ ନୂତନ ଓ ଅତ୍ୟାଧୁନିକ ପଦ୍ଧତି ଯେପରିକି ରୋବୋଟିକ ପ୍ରୋଷ୍ଟେଟ ସର୍ଜରୀ, ଜଟିଳ ୟୁରୋଲୋଜିକାଲ ଓ ରିକନଷ୍ଟ୍ରକ୍ଟିଭ ପଦ୍ଧତି, ପେଡିଆଟ୍ରିକ ୟୁରୋଲୋଜି ସର୍ଜରୀ, ପାର୍ସିଆଲ ନେଫ୍ରେକ୍ଟୋମି ଓ କିଡ୍‌ନୀ ଟ୍ରାନ୍ସପ୍ଲାଂଟ ଆଦି ସୁବିଧା ଉପଲବ୍ଧ ରହିଛି।



ଏହା ଏଆଇଏନୟୁ, ଭାଇଜାଗକୁ ଅଂଚଳର ଅନ୍ୟତମ ସର୍ବାଧିକ ବିସ୍ତୃତ ୟୁରୋଲୋଜି ସେଂଟର ଭାବେ ଅବସ୍ଥାପିତ କରିଛି। ଏଆଇଏନୟୁରେ ପ୍ରଶିକ୍ଷିତ ଓ ପ୍ରମାଣିତ ରୋବୋଟିକ ୟୁରୋଲୋଜିଷ୍ଟମାନଙ୍କ ଏକ ସ୍ୱତନ୍ତ୍ର ଦକ୍ଷ ଟିମ୍ ଏହି ରୋବୋଟିକ ପ୍ରୋଗ୍ରାମର ନେତୃତ୍ୱ ନେଉଛି, ଯାହା ଷ୍ଟେଟ-ଅଫ୍-ଦ-ଆର୍ଟ ଅପରେଟିଂ ଥିଏଟର, ଆଡ୍‌ଭାନ୍ସଡ ଡାଇଗ୍ନୋଷ୍ଟିକ ଓ ଏକ ଡେଡିକେଟେଡ ପେରିଅପରେଟିଭ କେୟାର ଟିମ୍ ଦ୍ୱାରା ସମର୍ଥିତ ଅଟେ। ଏହି କ୍ଷମତା ସହିତ ଭାଇଜାଗର ରୋଗୀମାନଙ୍କୁ ହାଇ-ଏଣ୍ଡ ରୋବୋଟିକ ୟୁରୋଲୋଜିକାଲ ଓ କିଡ୍‌ନୀ ସର୍ଜରୀ ପାଇଁ ଅନ୍ୟ ସହରଗୁଡ଼ିକୁ ଯାତ୍ରା କରିବାକୁ ପଡିବ ନହିଁ, କାରଣ ଏବେ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ଭାଇଜାଗରେ ହିଁ ଉପଲବ୍ଧ ହେଉଛି।

ଆନ୍ଧ୍ରପ୍ରଦେଶ ସରକାରଙ୍କ ସାଂସଦ ଶ୍ରୀ ଶ୍ରୀଭାରତ ମାଥୁକୁମୁଲି କହିଛନ୍ତି, 'ବିଶାଖାପାଟ୍ଟନମରେ ଏହି କିଡ୍‌ନୀ କେୟାର ହସ୍ପିଟାଲରେ ଆଡ୍‌ଭାନ୍ସଡ ରୋବୋଟିକ ଟେକ୍ନୋଲୋଜିର ଶୁଭାରମ୍ଭ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରତି ପହଂଚକୁ ବୃଦ୍ଧି କରିବା କ୍ଷେତ୍ରରେ ଏକ ସକାରାତ୍ମକ ବିକାଶର ପ୍ରତିନିଧିତ୍ୱ କରୁଛି। କିଡ୍‌ନୀ ଚିକିତ୍ସା କ୍ଷେତ୍ରରେ ରୋବୋଟିକ-ଆସିଷ୍ଟେଡ ଟେକ୍ନୋଲୋଜି ରୋଗୀମାନଙ୍କୁ ସୁରକ୍ଷିତ ପଦ୍ଧତି, କମ୍ ଅସହଜତା ଓ ସୁଗମ ଆରୋଗ୍ୟତା ପ୍ରଦାନ କରିଥାଏ। ସେହିପରି ଭାଇଜାଗ୍‌ର ଏଆଇଏନୟୁରେ ପରିଚାଳନା ନିର୍ଦ୍ଦେଶକ ଏବଂ ସିନିୟର କନ୍‌ସଲ୍‌ଟାଂଟ ୟୁରୋଲୋଜିଷ୍ଟ, ଆଣ୍ଡ୍ରୋଲୋଜିଷ୍ଟ, ୟୁରୋ-ଅଙ୍କୋଲୋଜିଷ୍ଟ, ଲାପାରୋସ୍କୋପିକ ଓ ରୋବୋଟିକ ସର୍ଜନ ଡକ୍ଟର ଜି. ରବିନ୍ଦ୍ର ବର୍ମା ସଠିକତା ଲାଭଗୁଡିକୁ ହାଇଲାଇଟ କରି କହିଛନ୍ତି, 'ଏହି ରୋବୋଟିକ ପ୍ଲାଟଫର୍ମର ଶୁଭାରମ୍ଭ ଆମର ହସ୍ପିଟାଲ ଓ ରୋଗୀମାନଙ୍କ ପାଇଁ ଏକ ଉଲ୍ଲେଖନୀୟ ବିକାଶ ଅଟେ।

## ଅକୁଲୋପ୍ଲାଷ୍ଟି ଏବଂ ଫେସିଆଲ୍ ଆସ୍ଥେଟିକ୍ ପାଇଁ ସଚେତନତା

**ଭୁବନେଶ୍ୱର,୩୧ (ନି.ପ୍ର) :** ଅକୁଲୋପ୍ଲାଷ୍ଟି ଚକ୍ଷୁ ବିଜ୍ଞାନରେ ଏକ ସ୍ୱତନ୍ତ୍ର କ୍ଷେତ୍ର ଯାହା ଆଖିପତା, ଲୁହ ନିଷ୍କାସନ ପ୍ରଣାଳୀ, ନେତ୍ରଗହ୍ୱର ଏବଂ ଏହା ଚାରିପାଖର ବାହ୍ୟ ଗଠନ ସମ୍ପର୍କିତ ସମସ୍ୟାର ସମାଧାନ କରେ ଯେଉଁଠାରେ ଦୃଷ୍ଟିଶକ୍ତି, କାର୍ଯ୍ୟକାରିତା ଏବଂ ଦୃଶ୍ୟମାନତା ଅଙ୍ଗାଙ୍ଗୀ ଭାବରେ ପରସ୍ପର ସହିତ ଜଡିତ। ସାଧାରଣ କସମେଟିକ୍ ପ୍ରକ୍ରିୟା ପରି, ଅକୁଲୋପ୍ଲାଷ୍ଟି ପାଇଁ ଚକ୍ଷୁର ଗଠନ ଏବଂ ପେରିଓକୁଲାର ଆନାଟୋମି ଏବଂ ଦୃଷ୍ଟିଶକ୍ତିର କାର୍ଯ୍ୟକାରିତା ଉପରେ ଗଭୀର ଜ୍ଞାନ ଆବଶ୍ୟକ। ବିଗତ କିଛି ବର୍ଷ ଧରି ଆଖିପତା ଝୁଲି ପଡ଼ିବା, ଆଖିରୁ ପାଣି ବାହାରିବା, ଆଖି ପାଖ ତ୍ୱଚାର ନମନୀୟତା ହ୍ରାସ ପାଇବା ଏବଂ ଆଖି ଚାରିପାଖରେ ପରିବର୍ତ୍ତନ ହେବା ଭଳି ଘଟଣାରେ ପରାମର୍ଶ ନେଉଥିବା ରୋଗୀଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏସବୁ ସମସ୍ୟା ଦୈନନ୍ଦିନ ଆରାମ ଏବଂ ଆତ୍ମବିଶ୍ୱାସକୁ ପ୍ରଭାବିତ କରିଥାଏ। ଏହି ଚିନ୍ତାଗୁଡ଼ିକ ମଧ୍ୟରୁ ଅନେକ କେବଳ ସୌନ୍ଦର୍ଯ୍ୟପୂର୍ଣ୍ଣ ନୁହେଁ, ଏହା ପ୍ରାୟତଃ ଦୃଷ୍ଟିଶକ୍ତି, ଆଖିର ବାହ୍ୟ ସ୍ୱାସ୍ଥ୍ୟ ଏବଂ ସ୍ୱାଭାବିକ ଭାବେ ଆଖି ମିଟିମିଟି ହେବାରେ ବାଧା ସୃଷ୍ଟି କରେ।



ଚକ୍ଷୁ ଅଂଚଳକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ। ଛୋଟ ତ୍ରୁଟିଟିଏ ମଧ୍ୟ ଦୃଷ୍ଟିଶକ୍ତି କିମ୍ବା ମୁହଁର ସନ୍ତୁଳନକୁ ପ୍ରଭାବିତ କରିପାରେ। ସେଥିପାଇଁ ଆଖି ଚାରିପାଖରେ ସୌନ୍ଦର୍ଯ୍ୟ ପ୍ରକ୍ରିୟାଗୁଡ଼ିକୁ ସର୍ବଦା ଆଖି ସୁରକ୍ଷା ଏବଂ କାର୍ଯ୍ୟକୁ ପ୍ରଥମ ପ୍ରାଥମିକତା ଦେଇ ଯୋଜନା କରାଯିବା ଉଚିତ। ବୋଲି ମିଠୁ ତୁଳସୀ ଚାନରାଇ କ୍ୟାମ୍ପସ, ଭୁବନେଶ୍ୱରର ପରାମର୍ଶଦାତା ଅକୁଲୋପ୍ଲାଷ୍ଟିକ୍ ସର୍ଜନ ଡକ୍ଟର ଦେବଜ୍ୟୋତି ତ୍ରିପାଠୀ କହିଛନ୍ତି।

ଅକୁଲୋପ୍ଲାଷ୍ଟିକ୍ ସର୍ଜରୀରେ ପଟ୍ଟୋସିସ୍ (ଆଖି ପତା ଝୁଲି ପଡିବା) ବା ନେତ୍ରପଲକ ପକ୍ଷାଘାତ, ଆଖିପତା (ଲୁହ ନିଷ୍କାସନ) ବିଚ୍ୟୁତି, ଲୁହ ନିର୍ଗତ ହେବାରେ ଅସ୍ୱାଭାବିକତା, ନେତ୍ରଗହ୍ୱର ରୋଗ, ଆଘାତ ଏବଂ ଟ୍ୟୁମର ପାଇଁ ପୁନଃନିର୍ମାଣ ପ୍ରକ୍ରିୟା ଅର୍ନ୍ତଭୁକ୍ତ। ଏହା ସହିତ ଆଖି ଚାରିପାଖରେ ବୟସ୍କ ହେବାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ସମାଧାନ କରିବା ପାଇଁ ବୋଟୁଲିନମ୍ ଟକ୍ସିନ୍ ଇଞ୍ଜେକ୍ସନ୍ ଏବଂ ଡର୍ମାଲ୍ ଫିଲର୍ ଭଳି କରଭେଟିଭ୍ ଆସଥେଟିକ୍ ହସ୍ତକ୍ଷେପ କରାଯାଏ। ଚିକିତ୍ସାକୁ ବାହ୍ୟ ରୂପରେଖରେ କୌଣସି ପରିବର୍ତ୍ତନ ନ କରି ସ୍ୱାଭାବିକ ଭାବେ ଦେଖାଯିବାକୁ ବଜାୟ ରଖିବା ପାଇଁ ସତର୍କତାର ସହିତ ପ୍ରସ୍ତୁତ କରାଯାଇଛି।

ସଂଯମତା ଉପରେ ଗୁରୁତ୍ୱ ଏବଂ ରୋଗୀଙ୍କ ଉପଯୁକ୍ତ ଚୟନ ଅକୁଲୋପ୍ଲାଷ୍ଟିକୁ ଭିନ୍ନ କରିଥାଏ। ହସ୍ତକ୍ଷେପ କରାଯିବାର ଉଦ୍ଦେଶ୍ୟ ହେଉଛି ସାଧାରଣ ଆଖିପତା କାର୍ଯ୍ୟ ଏବଂ ଆଖିର ଆରାମ ବଜାୟ ରଖି ସୂକ୍ଷ୍ମ ଉନ୍ନତି ହାସଲ କରିବା। ଅକୁଲୋପ୍ଲାଷ୍ଟି ଏବଂ ସୌନ୍ଦର୍ଯ୍ୟ ବିଜ୍ଞାନ ମିଳିତ ଭାବରେ ବିସ୍ତୃତ ପଦ୍ଧତି ପ୍ରଦାନ କରେ ଯାହା ବାହ୍ୟ ରୂପରେଖ ଏବଂ ଆଖି ସ୍ୱାସ୍ଥ୍ୟ ଉଭୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବିଶେଷଜ୍ଞମାନେ ରୋଗୀଙ୍କୁ ଆଖିପତା କିମ୍ବା ଆଖିର ପାରିପାର୍ଶ୍ୱ ଅଂଚଳ ସହିତ ଜଡିତ ଯେକୌଣସି ପ୍ରକ୍ରିୟା ପାଇଁ ତାଲିମପ୍ରାପ୍ତ ଅକୁଲୋପ୍ଲାଷ୍ଟିକ୍ ସର୍ଜନଙ୍କଠାରୁ ଚିକିତ୍ସା ନେବାକୁ ପରାମର୍ଶ ଦିଅନ୍ତି, କାରଣ ଏହା ଯଥାର୍ଥ ନିଷ୍ପତି ଗ୍ରହଣ, ଶରୀର ସଂରଚନାର ଉଚ୍ଚ ସଠିକତା ଏବଂ ରୋଗୀ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡକୁ ସୁନିଶ୍ଚିତ କରେ।

## ସେଲ୍ ରେ ସର୍ବାଧିକ ନିୟର-ମିସ୍ ମାମଲା ରିପୋର୍ଟ କରୁଥିବା ବିଭାଗ ପୁରସ୍କୃତ



**ରାଉରକେଲା, ୩୧ (ନି.ପ୍ର):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଯେଉଁ ବିଭାଗଗୁଡ଼ିକ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ ଅର୍ଥାt ୨୦୨୫ ମସିହା ଅକ୍ଟୋବର ରୁ ଡିସେମ୍ବର ମାସ ମଧ୍ୟରେ ସର୍ବାଧିକ ସଂଖ୍ୟକ ନିୟର-ମିସ୍ ମାମଲା ରିପୋର୍ଟ କରିଛନ୍ତି, ସେମାନଙ୍କୁ ଜାନୁଆରୀ ୨ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ସୁରକ୍ଷା ସମୀକ୍ଷା ବୈଠକ ସମୟରେ ଡ଼ିଆଇସି ଆଲୋକ ବର୍ମା ପୁରସ୍କୃତ କରିଥିଲେ। ଏହି ଅବସରରେ ଖଣି ବିକାଶ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି କେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି ଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ଅର୍ଥ ବିଭାଗର ସିଜିଏମ ଇନ-ଚାର୍ଜ ଶ୍ରୀ ରାଜେଶ ଦାସଗୁପ୍ତାଙ୍କ ସମେତ ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ସୁରକ୍ଷା କ୍ଷେତ୍ରରେ ନିୟର-ମିସ୍ ମାମଲାଗୁଡିକୁ ରିପୋର୍ଟ କରିବା ଏକ ଅଗ୍ରଣୀ ସୁରକ୍ଷା ମାପଦଣ୍ଡ ଅଟେ। ମୋଟ ୫୬୯ ଟି ମାମଲା ରିପୋର୍ଟ କରିଥିବାରୁ ଷ୍ଟିଲ୍ ମେଲ୍ଟିଂ ସପ୍-୧ ବିଭାଗ ପ୍ରଥମ ପୁରସ୍କାର ହାସଲ କରିଛି। ଏହି ଅବସରରେ ଉକ୍ତ ବିଭାଗର ସିଜିଏମ୍ ଶ୍ରୀ ସୁନୀଲ ବି କାର୍ଥା ଏବଂ ତାଙ୍କ ଦଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ମୋଟ ୨୭୩ଟି ମାମଲା ରିପୋର୍ଟ କରିଥିବାରୁ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ଦ୍ୱିତୀୟ ସ୍ଥାନ ହାସଲ କରିଛି, ଯେଉଁଥି ପାଇଁ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ଏବଂ ତାଙ୍କ ଦଳକୁ ସମ୍ମାନିତ କରାଯାଇଛି। ନୂତନ ପ୍ଲେଟ୍ ମିଲ୍ ୧୮୮ଟି ମାମଲାର ରିପୋର୍ଟ କରିବା ସହିତ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ଏନପିଏମ, ଏସପିପି ଏବଂ ଡିଜିଟାଲାଇଜେସନ ବିଭାଗର ସିଜିଏମ ଶ୍ରୀ ଆର କେ ମୁଦୁଲି ତାଙ୍କ ଦଳ ସହିତ ପୁରସ୍କାର ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା ପରିଚାଳନା କରୁଥିଲେ।

## ଏସବିଆଇ ଲାଇଫ ଓ ବିସିସିଆଇ ପକ୍ଷରୁ ଉଦୟନ ଏନଜିଓର ପାଞ୍ଚ ବାଳିକାଙ୍କ ପାଇଁ ଭାରତୀୟ ମହିଳା କ୍ରିକେଟ ଟିମ ସଦସ୍ୟଙ୍କ ସହ 'ମିଟ ଆଣ୍ଡ ଗ୍ରିଟ' କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର, ୩୧ (ନି.ପ୍ର) :** ଆର୍ଥିକ ସୁରକ୍ଷା ବାହାରେ ସ୍ୱପ୍ନକୁ ସଶକ୍ତ କରିବାର ପ୍ରତିବଦ୍ଧତାକୁ ଦୋହରାଇ ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ବୋର୍ଡ ଅଫ କ୍ରିକେଟ କଂଟ୍ରୋଲ ଅଫ ଇଣ୍ଡିଆ (ବିସିସିଆଇ) ସହଯୋଗରେ କୋଲକାତାର ଉଦୟନ ଏନଜିଓର ପାଂଚ ଜଣ ବାଳିକାଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଟ ଆଣ୍ଡ ଗ୍ରିଟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଏହି ବାଳିକାମାନେ ବିଶାଖାପାଟଣାର ଏସିଏ-ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଜାତୀୟ ମହିଳା କ୍ରିକେଟ ଦଳର ସଦସ୍ୟଙ୍କୁ ସାମ୍ନା ସାମ୍ନି ସାକ୍ଷାତ କରିବାର ସୁଯୋଗ ପାଇଥିଲେ।

ଉଦୟନ ଏନଜିଓର ସେହି ପାଂଚ ଜଣ ବାଳିକା ସୁବର୍ଣ୍ଣା ମହାତୋ (୯), ଆଂଜେଲ ବାଉରି (୧୦), ରୋଶନି କର୍ମାକର (୧୦), ମିନତି ବାସ୍କେ (୧୦) ଓ ଅନୁରାଧା ମାଣ୍ଡି (୧୧) ଭାରତୀୟ କ୍ରିକେଟ ଦଳର ଚର୍ଚ୍ଚିତ ଖେଳାଳୀ ହରମନପ୍ରିତ କୌର, ସ୍ନେହ ରାଣା, ସେଫାଳି ବର୍ମା ଓ ହର୍ଲିନ ଦେଓଲଙ୍କ ସହ ଅଭୁଲା ମୁହୂର୍ତ୍ତ ବିତାଇଥିଲେ। ଏସବିଆଇ ଲାଇଫ ଇନସ୍ୟୁରାନ୍ସ ଓ ବିସିସିଆଇ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର କିଛି ତାରକା ମହିଳା କ୍ରିକେଟ ଖେଳାଳିଙ୍କ ସହ ନେଟରେ ଅଭ୍ୟାସ କରିଥିଲେ। ଏହି ବାଳିକା ଓ କ୍ରିକେଟ ତାରକାମାନଙ୍କ ମଧ୍ୟରେ ହସଖୁସି, ଉଲ୍ଲାସ ଓ ମନଖୋଲା ଭାବ ବିନିମୟ ଦିନଟିକୁ ସ୍ମରଣୀୟ କରିଥିଲା ଯାହା ବାଳିକାମାନଙ୍କ ମନରେ ଦୀର୍ଘସ୍ଥାୟୀ ଛାପ ସୃଷ୍ଟି କରିଥିବା ବେଳେ ସାହସ ଓ ବିଶ୍ୱାସ ସହ ନିଜ ଅଭିଳାଷକୁ ଅନୁସରଣ କରିବାକୁ ସେମାନଙ୍କୁ ପ୍ରେରଣା ଯୋଗାଇଛି।




ଏସବିଆଇ ଲାଇଫ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଅନଗ୍ରସର ପିଲାମାନଙ୍କୁ ଶିକ୍ଷା, ସାମଗ୍ରିକ ବିକାଶ ଓ ସେମାନଙ୍କ ସ୍ୱପ୍ନକୁ ସମର୍ଥନ କରି ସେମାନଙ୍କୁ ସମୃଦ୍ଧ କରୁଛି। ଜାତୀୟ କ୍ରୀଡ଼ା ତାରକାଙ୍କ ସହ ବାଳିକାମାନଙ୍କୁ ସାକ୍ଷାତ କରାଇ ଏହି ଅଭିଯାନ ବିଶ୍ୱାସ ଜାଗ୍ରତ କରିବା, ଅଭିଳାଷକୁ ବ୍ୟାପକ କରିବା ଏବଂ କୌଣସି ସ୍ୱପ୍ନ ବଡ଼ ନୁହେଁ ବୋଲି ବିଶ୍ୱାସକୁ ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

ଏସବିଆଇ ଲାଇଫର ବ୍ରାଣ୍ଡ, କର୍ପୋରେଟ ଯୋଗାଯୋଗ ଓ ସିଏସଆର ମୁଖ୍ୟ ଶ୍ରୀ ରବିନ୍ଦ୍ର ଶର୍ମା କହିଛନ୍ତି ଯେ, 'ଏସବିଆଇ ଲାଇଫରେ ଆମେ ବିଶ୍ୱାସ କରୁଯେ ବାସ୍ତବ ସଶକ୍ତୀକରଣ ଆର୍ଥିକ ସୁରକ୍ଷାଠାରୁ ଅଧିକ। ଏହା ହେଉଛି ସ୍ୱପ୍ନକୁ ସମୃଦ୍ଧ କରିବା, ବିଶ୍ୱାସ ଗଢ଼ିବା ଏବଂ ସାହସକୁ ଅନୁପ୍ରାଣିତ କରିବା। ଏହି ବାଳିକାମାନଙ୍କ ପାଇଁ ଜୀବନରେ ଏକ ଅଭୁଲା ମୁହୂର୍ତ୍ତ ସୃଷ୍ଟି କରିଥିବାରୁ ଆମେ ଗର୍ବିତ। ଭାରତୀୟ ମହିଳା କ୍ରିକେଟ ଟିମ ସହିତ ଏହି 'ମିଟ ଆଣ୍ଡ ଗ୍ରିଟ' କାର୍ଯ୍ୟକ୍ରମ ସେମାନଙ୍କୁ ନିଜ ରୋଲ ମଡେଲମାନଙ୍କ ସହ ଭାବ ବିନିମୟ କରିବା, ସେମାନଙ୍କ ଅଭିଳାଷ ପୂରଣ ହେବାକୁ ଦେଖିବା ଏବଂ ନିର୍ଭୟରେ ସ୍ୱପ୍ନ ଦେଖିବାର ବାର୍ତ୍ତାକୁ ଗ୍ରହଣ କରିବାର ସ୍ୱତନ୍ତ୍ର ସୁଯୋଗ ଦେଇଥିଲା। ଏହି ବାଳିକାମାନଙ୍କ ସହ ଅର୍ଥପୂର୍ଣ୍ଣ ଢଙ୍ଗରେ ଯୋଡ଼ିହେବା ଲାଗି ସମୟ ବାହାର କରିଥିବାରୁ ଖେଳାଳିମାନଙ୍କ ପ୍ରତି ଆମେ କୃତଜ୍ଞ। ଏଭଳି ମୁହୂର୍ତ୍ତ ଅଭିଳାଷକୁ ଆକାର ପ୍ରଦାନ କରିବା, ସହନଶୀଳତା ଗଠନ କରିବା ଏବଂ ନିଜ ସ୍ୱପ୍ନ ପୂରଣ ହୋଇପାରିବ ଓ ତାହା ପଛରେ ଗୋଡ଼ାଇବାର ଲାଭ ଅଛି ବୋଲି ପ୍ରତି ଶିଶୁଙ୍କୁ ମନେ ପକାଇଦେବାର ଶକ୍ତି ରଖିଛି।

ଉଦୟନର ନିର୍ଦ୍ଦେଶକ କେଏଲ୍ ଜର୍ଜ କହିଛନ୍ତି ଯେ, 'ଉଦୟନର ଶିଶୁମାନଙ୍କୁ ଏସବିଆଇ ଲାଇଫ ଦୀର୍ଘଦିନରୁ ସହଯୋଗ କରୁଛି। ପିଲାମାନଙ୍କ ବିଶ୍ୱାସ ଏବଂ ଭବିଷ୍ୟତ ପାଇଁ ସେମାନଙ୍କ ଦୃଷ୍ଟିଭଙ୍ଗୀ ଗଢ଼ିବାରେ ଏଭଳି ସୁଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତୀୟ ମହିଳା କ୍ରିକେଟ ଟିମ ସହିତ ଭାବ ବିନିମୟ ଲାଗି ଏସବିଆଇ ଲାଇଫ ଦେଇଥିବା ସୁଯୋଗ ଆମ ବାଳିକାମାନଙ୍କୁ ସେମାନଙ୍କ ରୋଲ ମଡେଲଙ୍କୁ ଭେଟିବା ଏବଂ ସେମାନେ କେବେ ପାଇନଥିବା ଅନୁଭୂତି ପ୍ରଦାନ କରିଥିଲା। ଏହି ଅର୍ଥପୂର୍ଣ୍ଣ ସହଯୋଗ ଏବଂ ନିଜ ଉପରେ ବିଶ୍ୱାସ କରିବା, ଅଭିଳାଷକୁ ପୂରଣ କରିବା ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ କାମ କରିବା ପାଇଁ ଆମ ବାଳିକାଙ୍କୁ ଅନୁପ୍ରାଣିତ କରିଥିବା ସୁଯୋଗ ସୃଷ୍ଟି କରିଥିବାରୁ ଏସବିଆଇ ଲାଇଫ ନିକଟରେ ଆମେ କୃତଜ୍ଞ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ୱାକାଥନ୍ ଆୟୋଜିତ




**ଭୁବନେଶ୍ୱର, ୩।୨ (ନି.ପ୍ର) :** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ଭୁବନେଶ୍ୱରଠାରେ ଏକ "ୱାକାଥନ୍" ଆୟୋଜିତ ହୋଇଯାଇଛି। ଏହି ୱାକାଥନ୍ ରୁପାଲି ଛକରୁ ଆରମ୍ଭ ହୋଇ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇ ପୁନର୍ବାର ରୁପାଲି ଛକକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ହରେକୃଷ୍ଣ ଦାସ, ଉପ-ଅଞ୍ଚଳ ମୁଖ୍ୟ ଡି.ଭେଙ୍କଟସ୍ୱରୁଲୁ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ଉପ-କ୍ଷେତ୍ରୀୟ ମୁଖ୍ୟ ବିନୟ ଶର୍ମା ଏବଂ ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲଙ୍କ ସମେତ ଭୁବନେଶ୍ୱରସ୍ଥିତ ବିଭିନ୍ନ କାର୍ଯ୍ୟାଳୟ ଓ ଶାଖାର କର୍ମଚାରୀମାନେ ଯୋଗ ଦେଇଥିଲେ। ନୈତିକତା ଓ ଅନୁପାଳନ ସପ୍ତାହ ଉପଲକ୍ଷେ ବ୍ୟାଙ୍କ ଅଧିକାରୀମାନେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ସହ ଉତ୍ତମ ଅଭ୍ୟାସକୁ ଆପଣେଇବା ଏବଂ ଜୀବନର ପ୍ରତ୍ୟେକ ସ୍ତରରେ ସମୟାନୁବର୍ତ୍ତିତାକୁ ଅନୁସରଣ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଆଞ୍ଚଳିକ ମନ୍ଥନ

ରବିବାର, ୦୪ ଜାନୁଆରୀ ୨୦୨୬, ଭୁବନେଶ୍ୱର Sunday, 04 January 2026, Bhubaneswar






## ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର




**ନୟାଗଡ଼, ୩୧ (ନି.ପ୍ର):** ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଗୋଦାବରୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଶାଳ ଶୋଭାଯାତ୍ରାରେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସହ ସହ ଲୋକ ଯୋଗ ଦେଇଥିଲେ। ଆନ୍ଦୋଳନକୁ ସମର୍ଥନ ଦେଇଥିଲେ। ଗଣିଆ, ଦଶପଲ୍ଲା, ନୂଆଗାଁ, ଖଣ୍ଡପଡା, ଭାପୁର, ଓଡଗାଁ ବ୍ଲକ ସମେତ ରଣପୁର ବ୍ଲକ ଅଂଚଳର ଲୋକ ମାନେ ଆନ୍ଦୋଳନକୁ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ରାଜ୍ୟ ସରକାର ଘୋଷଣା ମୁତାବକ ତୁରନ୍ତ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ସରକାର ତୁରନ୍ତ ମେଡିକାଲ କଲେଜ ସଦର ମହକୁମାରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା ନକରନ୍ତି ତେବେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ଚେତାବନୀ ଦେଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଦାବିପତ୍ର ଗ୍ରହଣ କରିଛନ୍ତି।

## ବନାଞ୍ଚଳ ସ୍ତରୀୟ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା, ୩୧ (ନି.ପ୍ର):** ରାୟଗଡା ବନାଞ୍ଚଳ ତରଫରୁ ବନାଞ୍ଚଳ ସ୍ତରୀୟ ବଣ ଭୋଜି ସ୍ଥଳ ରେ ପ୍ଲାଷ୍ଟିକ ମୁକ୍ତ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନ କାର୍ଯକ୍ରମ ଟି ଗୁମ୍ମା ସେକ୍ସନ ର ତଳଗୁମ୍ମା ଓ ରାୟଗଡ଼ ସେକ୍ସନ ର ହାଲୁଓ୍ୱ ବଣ ଭୋଜି ସ୍ଥଳ ରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଟି ର ମୁଖ୍ୟ ବାର୍ତ୍ତା ଥିଲା ଯେ କିପରି ଆମେ ଆମ ଆଖ ପାଖ ରେ ଥିବା ବଣ ଭୋଜି ସ୍ଥଳ ଗୁଡିକ ପ୍ଲାଷ୍ଟିକ ମୁକ୍ତ କରିବା ଓ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର କରିବା ଯ ଏହି କାର୍ଯ୍ୟକ୍ରମ ରେ ଗୁମ୍ମା ଓ ହାଲୁଓ୍ୱ ଗ୍ରାମପଞ୍ଚାୟତ ର ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମବାସୀ, ସ୍କୁଲ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ, ରାୟଗଡ଼ ଜିଲ୍ଲା ପ୍ରଦୂଷଣ ବୋର୍ଡ ଅଧିକାରୀ ଓ କର୍ମଚାରୀ ଏହାସହ ରାୟଗଡ଼ ବନାଞ୍ଚଳର ସମସ୍ତ ବନ କର୍ମଚାରୀ ମିଳିତ ସହଯୋଗ ରେ କାର୍ଯ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ଶ୍ରୀ ସଚିନ ଆନ୍ନା ସାହେବ ଓହୋଲ, ବନଖଣ୍ଡ ଅଧିକାରୀ ଏହି କାର୍ଯ୍ୟକ୍ରମ ଯୋଗଦାନ କରି ଶୁଭାରମ୍ଭ କରିଥିଲେ।ଉପସ୍ଥିତ ରାୟଗଡ଼ ଜିଲ୍ଲା ପ୍ରଦୂଷଣ ବୋର୍ଡ ଅଧିକାରୀ ଶ୍ରୀ ରିପୁ କୁମାର ସାହୁ, ସହ ବନସଂରକ୍ଷକ ଅଶୋକ କୁମାର ପ୍ରଧାନ, କାମେଶ୍ବର ଆଚାରୀ, ବନାଞ୍ଚଳ ଅଧିକାରୀ, ହାଲୁଓ୍ୱ ସ୍କୁଲ ର ପ୍ରଧାନ ଶିକ୍ଷକ ଓ ଗୁମ୍ମା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସହ ହାଲୁଓ୍ୱ ଗ୍ରାମ ପଞ୍ଚାୟତ ର ସରପଞ୍ଚ ନିଜ ଅଭିଭାଷଣରେ ବର୍ତ୍ତମାନ ପ୍ଲାଷ୍ଟିକ ଭଳି ଏକ ବିଷାକ୍ତ ଜିନିଷ କିପରି ଆମ ଦୈନନ୍ଦିନ ଜୀବନ ରେ ସମ୍ପୃକ୍ତ ହୋଇଯାଇଛି ଓ ଏହା ମାନବ ସମାଜ ଉପରେ କି ପ୍ରକାର କୁ ପ୍ରଭାବ ପକାଉଛି ତାହା ଉପରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଆମେ କି କି ପ୍ରକାର ପଦେକ୍ଷେପ ନେଇ ଆମ ପରିବେଶ କୁ ପ୍ଲାଷ୍ଟିକ ମୁକ୍ତ କରିପରିବା ତାହା ଉପରେ ଗୁରୁତ୍ୱାରୋପ କରିଥିଲେ।





ସହ ବନସଂରକ୍ଷକ ଶ୍ରୀ ଅଶୋକ କୁମାର ପ୍ରଧାନ ନିଜ ଅଭିଭାଷଣ ରେ ବଣଭୋଜି ସ୍ଥଳ ରେ ପ୍ଲାଷ୍ଟିକ ର ବ୍ୟବହାର କିପରି କମ କରାଯାଇପାରିବ ଏବଂ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ଉପରେ କୁ ପ୍ରଭାବ, ତାହାର କି ପ୍ରକାର ପ୍ରତିକାର କରାଯାଇପାରିବ ଓ ବଣଭୋଜି ସ୍ଥଳ ରେ କଣ ବ୍ୟବହାର କରିବା ଓ କଣ ବ୍ୟବହାର ନ କରିବା ସେ ବିଷୟରେ ମନ୍ତବ୍ୟ ଦେଇଥିଲେ।

ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ସମସ୍ତ ଭାଗ ନେଇଥିବା ସରକାରୀ କର୍ମଚାରୀ, ଦୁଇ ଗୋଟି ଗ୍ରାମପଞ୍ଚାୟତ ର ଗ୍ରାମବାସୀ, ସ୍କୁଲ ଶିକ୍ଷକ ଓ ଛାତ୍ର ଛାତ୍ରୀ ମିଳିମିଶି ତଳଗୁମ୍ମା ଓ ହାଲୁଓ୍ୱ ବଣ ଭୋଜି ସ୍ଥଳ ରେ ବହୁ ଦିନ ରୁ ପଡିଥିବା ପ୍ଲାଷ୍ଟିକ ଅଳିଆ। ଓ ଅବର୍ଜନା ଯଥା - ପଲିଥିନ, ପାଣି ପାଉଚ, ମସଲା ଜରି, ଜରି ଆବରଣ ପେପର ପ୍ଲେଟ ଇତ୍ୟାଦି କୁ ସଫା କରି ପ୍ଲାଷ୍ଟିକ ମୁକ୍ତ କରାଯାଇଥିଲା ଓ ସେ ବଣ ଭୋଜି ସ୍ଥଳ ରେ ପ୍ଲାଷ୍ଟିକ ଅଳିଆ। ଓ ଅବର୍ଜନା ନ କରିବା ପାଇଁ ଶପଥ ପାଠ କରାଯାଇଥିଲା ଏବଂ ସେହି ସ୍ଥଳ ରେ ଅଳିଆ। କୁଣ୍ଡ ରଖା ଯାଇଥିଲା।

## ଦୁଇଲକ୍ଷ ଟଙ୍କାର ସୁନାହାର ଫେରି ପାଇଲେ ଅଭିଭାବକ



**ଯାଜପୁର, ୩୧ (ନି.ପ୍ର):** ଗତ ଡିସେମ୍ବର ୨୪ ତାରିଖ ଦିନ ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ ଇଂଲିଶ ମିଡ଼ିଅମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲର ୩୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିବା ସମୟରେ ବହୁ ଅଭିଭାବକ ମାନଙ୍କ ଭିଡ଼ ଜମିଥିଲା। ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଗହଳି ଭିତରେ ଜଣେ ଅଭିଭାବକ ଅଜିତ କୁମାର ବେହେରାଙ୍କ ସ୍ତ୍ରୀଙ୍କର ପ୍ରାୟ ଦୁଇଲକ୍ଷ ଟଙ୍କା ମୂଲ୍ୟର ଏକ ସୁନାଚେନ୍ କୌଣସି ଅସାବଧାନତା ବଶତ ହଜିଯାଇଥିଲା। ତେବେ ଏହି ଘଟଣା ଜଣାପଡିବା ପରେ ସ୍କୁଲର ସମ୍ପାଦକ ଡକ୍ଟର ଅଭୟ ପତି ଏବଂ ସଭାପତି ଅସ୍ମିତା ପତି, ପ୍ରିନ୍ସିପାଲ ନିରଞ୍ଜନ ପାଣିଗ୍ରାହୀଙ୍କୁ ଏ ସମ୍ପର୍କରେ ତୁରନ୍ତ ଜଣାଇବା ସହ, ସମସ୍ତ କାର୍ଯ୍ୟରତ କର୍ମଚାରୀଙ୍କୁ ଅବଗତ କରାଇଥିଲେ ଏବଂ ଏହି ଘଟଣାକୁ ସ୍କୁଲର ସମସ୍ତ ଅଭିଭାବକ ମାନଙ୍କ ଓ୍ୱାଟ୍ସଅପ୍ ଗ୍ରୁପରେ ମେସେଜ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଏହି ମାସେଜ ପଢିବାପରେ ଜଣେ ସହୃଦୟ ଅଭିଭାବକ ଶ୍ରୀମତୀ ଭାନୁମତୀ ଶତପଥୀ, ସ୍ୱାମୀ ମାନସ ରଞ୍ଜନ ଶତପଥୀ ଏହା ପାଇଥିବାର ସୂଚନା ଅଧକ୍ଷଙ୍କୁ ଜଣାଇଥିଲେ। ତେନ୍ ହଜାଇଥିବା ଓ ପାଇଥିବା ଅଭିଭାବକଙ୍କୁ ଡକାଇ ଆଜି ଏହି ସୁନା ଚେନଟି ଜେମ୍ସ କାର୍ଯ୍ୟାଳୟ ଠାରେ ହସ୍ତାନ୍ତର କରାଯାଇଥିଲା। ଚେନଟି ପାଇବାପରେ ଭାନୁମତି ନିଜର କୃତଜ୍ଞତା ବିଦ୍ୟାଳୟର ସମ୍ପାଦକ ଡ ଅଭୟ ପତି ସଭାପତି ଆଡଭୋକେଟ ଅସ୍ମିତା ପତି ଅଧକ୍ଷ ନିରଞ୍ଜନ ପାଣିଗ୍ରାହୀ ତଥା ସମସ୍ତ ମାନେଜମେଣ୍ଟକୁ ନିଜର କୃତଜ୍ଞତା ପ୍ରକାଶ କରିଥିଲେ। ଆଜି ଏ ସମାଜରେ ଭାନୁମତି ଏବଂ ମାନସଙ୍କ ଭଳି ମହାନ୍ ଲୋକ ଅଛନ୍ତି ବୋଲି କହି ସାଧୁବାଦ୍ ଜଣାଇଥିଲେ।

## କାନମାସର ରଜତ ଜୟନ୍ତୀ ପାଳିତ



**ପାରାଦୀପ, ୩୧ (ନି.ପ୍ର):** ବନ୍ଦର ନଗରୀ ପାରାଦ୍ୱୀପର ସାହିତ୍ୟ, ନାଟକର ଅନୁଷ୍ଠାନ କାନମାସ ତାର ୨୬ତମ ପ୍ରତିଷ୍ଠା ଦିବସ ଗତ ୨ ଜାନୁଆରୀ ଦିନ କାର୍ଯ୍ୟାଳୟ ପରିସରରେ ପାଳନ କରିଥିଲା। ଅନୁଷ୍ଠାନର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ବନ୍ଦର ସିଏମଇ ସୁଶିଲ ନାହାକ, ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି ବି ଦାସ, ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦାନ କରି କାନମାସର ଦିର୍ଘ ୨୬ ବର୍ଷର ଯାତ୍ରା ଉପରେ ଆଲୋକପାତ କରିଥିଲେ। ଅତିଥି ମାନେ କହିଥିଲେ କି କେବଳ ପାରାଦୀପ ସହରରେ ନୁହେଁ ସାରା ରାଜ୍ୟରେ ନାଟ୍ୟ ଚେତନା ଜାଗ୍ରତ କରିବା, ନାଟ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଏବଂ ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିବାରେ କାନମାସ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସର୍ବ ପ୍ରଥମେ କାନମାସର ସମ୍ପାଦକ ଶ୍ରୀମନ୍ ମିଶ୍ର କାନମାସର ଏହି ୨୬ ବର୍ଷ ଯାତ୍ରା ସମ୍ବନ୍ଧରେ ବିବରଣୀ ପ୍ରସ୍ତୁତ କରିଥିଲେ। ସେ ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ ଏହିକି ଯେ ଏ ବର୍ଷ ଦିଲ୍ଲି ଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ହେଉଥିବା ରଙ୍ଗ ମହୋତ୍ସବରେ ନାଟକ ପରିବେଷଣ କରିବା ପାଇଁ କାନମାସ ମନୋନୀତ ହୋଇଛି ଓ ରଙ୍ଗ ମହୋତ୍ସବର କିଛି ନାଟକ ଆମ ପାରାଦୀପ ସହରରେ ମଧ୍ୟ ପରିବେଶୀତ ହେବ ଯାହାକି ଆମ ପାଇଁ ଗୌରବର ବିଷୟ। ଏହି ଅବସରରେ ସର୍ବ ପ୍ରଥମେ କବିତା ପାଠ କରାଯାଇଥିଲା। ପରେ ପରେ ଅନୁଷ୍ଠାନରେ ନାଟ୍ୟ ଶିକ୍ଷା ଲାଭ କରିଥିବା ନୂତନ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସୃତି ନାଟକ ଯଯାତି ପରିବେଷଣ କରାଯାଇଥିଲା। କାନମାସ ତରଫରୁ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ପାରାଦୀପ ମ୍ୟୁନିସିପାଲଟିର ଅଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କାନମାସର ସମ୍ପାଦକ ଶ୍ରୀମନ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ

**କୁଚିଣ୍ଡା, ୩୧ (ନି.ପ୍ର):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଲାଡ ଗ୍ରାମରେ ବିକାଶ ଫାଉଣ୍ଡେସନ ତରଫରୁ ଅସହାୟ ବୃଦ୍ଧା ଙ୍କୁ ପ୍ରବଳ ଶୀତ ର ପ୍ରକୋପ ରୁ କିଛି ମାତ୍ରାରେ ରକ୍ଷା କରିବା ପାଇଁ କମ୍ବଳ ବଣ୍ଟନ କରାଯାଇଅଛି। ଏଥିରେ ସ୍ବେଚ୍ଛାସେବୀ ପ୍ରିତମ ପାଣିଗ୍ରାହୀ ଚିତ୍ତରଞ୍ଜନ ଭୋଇ ଏବଂ ସଂଯୋଜକ ବିଭୂତି କଲ୍ୟାଣ ପଟେଲ ପ୍ରମୁଖ ଉପସ୍ଥିତ ରହି



ଅସହାୟ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେୟ ଏପରି ଏକ ନିଆରା ପ୍ରୟାସ କୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଥିଲେ। ଏଥିରେ ସୁମିତ୍ରା ରଣା,ରାଜ କୁମାରୀ ଧରେଇ,ଶ୍ରୀକର ଧରେଇ, ମେଘା ନାଗ,ଜାହ୍ନବୀ ଧରେଇ, ତରୁଲତା ନାଏକ, କୁମୁଦିନୀ ସାହୁ, ହରି ରଣା, ମୁକ୍ତା ବିଶି,ଗଗନ ବିହାରୀ ନାଗ, ସୁମିତ୍ରା ରଣା,ଗନ୍ଧର୍ବି ଜୟପୁରିଆ, ଦୂର୍ଗବତି ସାହୁ,ନିରଞ୍ଜନ ପୃଷ୍ଠେଠ ଆଦି ଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା।

## ଅଚ୍ୟୁତ ସାମନ୍ତଙ୍କୁ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟରୁ ୭୦ତମ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ

**ଭୁବନେଶ୍ୱର, ୩।୧୨ (ନି.ପ୍ର) :** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ଜୟପୁରରେ ଥିବା ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୦ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବହୁ ବିଶିଷ୍ଟ ଅତିଥି ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ




ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ଓ. ପି ଅଗ୍ରୱାଲ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

ଜେଇସିଆର୍‌ସି ଫାଉଣ୍ଡେସନ୍ ହେଉଛି ଏକ ୨୫ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ଏଥିରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଏବେ ଅଧ୍ୟୟନ କରୁଛନ୍ତି। ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଶ୍ରୀ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ।

ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପାଇଁ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ।

## ପୋଷ୍ଟର ଚିରାକୁ ନେଇ ଉତ୍ତେଜନା



**ଫୁଲନଖରା, ୩୧ (ନି.ପ୍ର) :** କଟକ ସଦର ଥାନା ଅଞ୍ଚଳରେ ନୂତନ ବର୍ଷର ନିମନ୍ତେ ବିଜେପି କର୍ମକର୍ତ୍ତା ମାନଙ୍କ ତରଫରୁ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟର ମରାଯାଇଥିଲା। ମାତ୍ର ୩୧ ତାରିଖ ରାତ୍ର ୨ ଘଟିକା ସମୟରେ କେହି ଦୁର୍ବୃତ୍ତ ପୋଷ୍ଟର ଗୁଡିକୁ ଚିରି ଦେଇଥିବା ଦେଖିବାକୁ ମିଳିଥିଲା ଲ ଏଥି ନେଇ ଭାରତୀୟ ଜନତା ପାର୍ଟି କର୍ମୀ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ କ୍ଷ ସଦର ଥାନା ଅଧିକାରୀ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସିସିଟିଭି ଯାଂଚ କରାଯାଇ ସମ୍ପୃକ୍ତ ଦୁର୍ବୃର୍ତ୍ତଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି। ଜୈନିକ ଯୁବକଙ୍କ ନାମ କିଁଡୀ ରଞ୍ଜନ ପଟ୍ଟନାୟକ ଯାହାଙ୍କ ଘର କେନ୍ଦ୍ରପଡା ଅଞ୍ଚଳରେ ହୋଇଥିବା ବେଳେ ବର୍ତ୍ତମାନ୍ କଟକ ସଦର ଥାନା ଅଞ୍ଚଳର ଗୋପାଳପୁର ଅଞ୍ଚଳରେ ଭଡାରେ ରହୁଛନ୍ତି। ଥାନା ପରିସରରେ ଭାରତୀୟ ଜନତା ଦଳର ସବୁ କର୍ମୀ ଏକଜୁଟ ହେବା ଫଳରେ ବେଶ ପରିବେଶ ସରଗରମ ଥିବା ଦେଖିବାକୁ ମିଳିଥିଲା।

## ଦମ୍ପତିଙ୍କ ମୃତ୍ୟୁ ଘଟଣାରେ ବିଧାୟକଙ୍କ ସହାୟତା

**ନବରଙ୍ଗପୁର, ୩୧ (ନି.ପ୍ର):** ନବରଙ୍ଗପୁର ପୌରପାଳିକା କଲୋନୀ ବାସିନ୍ଦା ମୁକୁନ୍ଦ ଜାନି ଏବଂ ଶ୍ରୀମତୀ ଲଣ୍ଡାଇ ଜାନି ଉଭୟ ସମ୍ପର୍କରେ ସ୍ୱାମୀ ସ୍ତ୍ରୀ ଗତ ୦୩-୧୦-୨୦୨୫ ତାରିଖରେ ନବରଙ୍ଗପୁର ଠାରୁ ପାପଡାହାଣ୍ଡି ମଧଦେଇ ଯାଇଥିବା ଜାତୀୟ ରାଜପଥ-୨୬ ତାରାଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣା ରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପରିବାର ବହୁତ ଗରିବ ଶ୍ରେଣୀର, ତାଙ୍କର ଆର୍ଥିକ ପରିସ୍ଥିତି ମଧ୍ୟ ସୁଦୃଢ ନୁହେଁ, ପରିବାର ପୋଷଣ ଏବଂ ଜୀବନ ଜୀବିକା ସକାଶେ ତାଙ୍କୁ ଅର୍ଥ ର ଅବଶ୍ୟକତା ରହିଥିଲା। ଏହାକୁ ଉପଲକ୍ଷି କରି ମାନ୍ୟବର ନବରଙ୍ଗପୁର ବିଧାୟକ ଶ୍ରୀଯୁକ୍ତ ଗୌରି ଶଙ୍କର ମାଝି, ମୃତ ମୁକୁନ୍ଦ ଜାନିଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଙ୍କ ଆର୍ଥିକ ସାହାଯ୍ୟ ପାଣ୍ଠି (ଉଗଜର) ତରଫରୁ ୮,୦୦,୦୦୦/- (ଆଠ ଲକ୍ଷ) ଟଙ୍କା ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ଏକ ପତ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ନବରଙ୍ଗପୁର ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ତାଙ୍କ ପତ୍ର ସଂଖ୍ୟା ୧୮୫୨୩ ତାରିଖ ୦୯-୧୨-୨୦୨୫ ଜରିଆରେ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରିବା ସକାଶେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହିତ ବିଚାର କରି, ନୂଆ। ବର୍ଷ ରେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ଲୋକ ସଭା ଭବନ, ଓଡ଼ିଶା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୪୫ ତାରିଖ :-୦୧-୦୧-୨୦୨୬ ପ୍ରକାରେ ଉକ୍ତ ଅନୁକମ୍ପା ମୂଳକ ରାଶି ମଞ୍ଜୁର କରି ମୃତ ପରିବାର ବର୍ଗଙ୍କୁ ୮,୦୦,୦୦୦/- (ଆଠ ଲକ୍ଷ) ଟଙ୍କା ମୁଖ୍ୟମନ୍ତ୍ରୀ ଙ୍କ ଆର୍ଥିକ ସାହାଯ୍ୟ ପାଣ୍ଠି (ଉଗଜର) ରୁ ମଞ୍ଜୁର କରିଛନ୍ତି ବୋଲି ଜିଲ୍ଲା ଜରୁରୀ କାଳୀନ ବିଭାଗ, ନବରଙ୍ଗପୁର ଠାରୁ ପ୍ରକାଶ ଓଡ଼ିଶା ସରକାରଙ୍କ ଏହିପରି ଉଦାର ମନୋଭାବ କୁ ମୃତ ଜାନି ପରିବାର ମାନ୍ୟବର ନବରଙ୍ଗପୁର ବିଧାୟକ ଶ୍ରୀଯୁକ୍ତ ଗୌରି ଶଙ୍କର ମାଝି, ରାଜ୍ୟ ସରକାର ଏବଂ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ସାଧୁବାଦ ଜଣାଇଛନ୍ତି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ କମ୍ବଳ ବଣ୍ଟନ



**କୁଚିଣ୍ଡା, ୩୧ (ନି.ପ୍ର):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରେ ଶନିବାର ପୂର୍ବାହ୍ନରେ ବରିଷ୍ଠ ନାଗରିକ ସଂଘ ତରଫରୁ ସଂଘର ସଭାପତି ଶ୍ରୀ ଧୀରେନ୍ଦ୍ର କୁମାର ମହାନ୍ତି ଓ ଉପଦେଷ୍ଟା ଶ୍ରୀ ଜୟ ପ୍ରକାଶ ଗୁପ୍ତାଙ୍କ ନେତୃତ୍ୱରେ କୁଚିଣ୍ଡା ଡାକ୍ତରଖାନାର ମ୍ୟାନେଜର ଶ୍ରୀ ଦୀପକ ନନ୍ଦଙ୍କ ଉପସ୍ଥିତିରେ କୁଚିଣ୍ଡା ଡାକ୍ତରଖାନାରେ ଆଡମିଟ ହୋଇଥିବା ସମସ୍ତ ରୋଗୀଙ୍କୁ ( ମୋଟ ୫୨ ଗୋଟି) ଓ କୁଚିଣ୍ଡାର ଅଲେଖ ମହିମା ଧର୍ମ ପୀଠ ଆଶ୍ରମର ଦଶ ଜଣ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ( କମ୍ବଳ ) ବଣ୍ଟନ କରାଯାଇଅଛି। ସଂଘର ସମ୍ପାଦକ ଶ୍ରୀ ଜନ କାମିଲ ଲାକ୍ରା ସମେତ ସଂଯୋଜକ ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ଶ୍ରୀ ଶାନ୍ତନୁ କୁମାର ସାହୁ, ଶ୍ରୀ ତୁଳାରାମ ସାହୁ, ଶ୍ରୀ ପଦ୍ମନାଭ ବେହେରା, ଶ୍ରୀ ପ୍ରମୋଦ କୁମାର ପଟେଲ, ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀ ନନ୍ଦଲାଲ ପଟେଲ, ଶ୍ରୀ କ୍ଷମା ଶୀଳ ପଟେଲ ଓ ଶ୍ରୀ ଗୋବର୍ଦ୍ଧନ ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସରେ ମାରାଥନ ପ୍ରତିଯୋଗିତା

### ଅଶୋକ ଦଣ୍ଡସେନା ଓ ଅନିତା ଦାସ ପ୍ରଥମ

**ପାରାଦୀପ, ୩୧ (ନି.ପ୍ର):** ପ୍ରତି ବର୍ଷ ପରି ପାରାଦୀପ ବନ୍ଦର ଜାନୁଆରୀ ୩ତାରିଖ ଦିନ ତାର ପ୍ରତିଷ୍ଠା ଦିବସ ଅବସରରେ ୨୧ତମ ମାରାଥନ ପ୍ରତିଯୋଗିତା ଆୟୋଜିତ କରିଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୩୩୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଯେଉଁଥିରେ ୨୮୦ ପୁରୁଷ ଓ ୫୬ ଜଣ ମହିଳା ଥିଲେ। ୩ ତାରିଖ ଦିନ ସକାଳେ ବନ୍ଦର ଅଧକ୍ଷ ପି ଏଲ ହରନାଧ ହନୁମାନ ମନ୍ଦିର ଠାରେ ସବୁଜ ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ ଏବଂ ପ୍ରତିଯୋଗୀ ମାନେ ବନ୍ଦର ସହରରେ ୧୪ କିଲୋମିଟର ପଥ ଅତିକ୍ରମ କରି ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ପହଞ୍ଚି ଥିଲେ। ପ୍ରତିଯୋଗୀ ମାନେ ରାସ୍ତା ଅତିକ୍ରମ କରୁଥିବା ବେଳେ ବିଭିନ୍ନ ସ୍ଥାନ ମାନଙ୍କରେ ଅନୁଷ୍ଠାନ, ସ୍କୁଲ ପିଲା ଓ ବନ୍ଦର




ଅନ୍ତେବାସୀ ମାନେ ରାସ୍ତା କଡ଼ରେ ଛିଡ଼ା ହୋଇ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା ପ୍ରଥମ, ରାଞ୍ଚିର ଗୁଲ୍‌ଷନ ଡୁଙ୍ଗ ଡୁଙ୍ଗ ଦ୍ୱିତିୟ, ଝାରଖଣ୍ଡର ରାକେଶ ମହନ୍ତ ତୃତୀୟ ସ୍ଥାନ ପାଇଥିବା ବେଳେ ମହିଳା ବର୍ଗରେ ଝାଡ଼ଖଣ୍ଡର ଅନିତା ଦାସ ପ୍ରଥମ, ସନ୍ଧ୍ୟା ମୁର୍ମୁ ଦ୍ୱୀତୀୟ, ବାସନ୍ତୀ ମାଣ୍ଡିଆ। ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି ଏଲ ହରନାଧ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ବୋଧିତ କରିବା ସଙ୍ଗେ ସଙ୍ଗେ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଯଥାକ୍ରମେ ୨୧୦୦୦/-, ୧୫୦୦୦/- ଓ ୧୦୫୦୦/- ଟଙ୍କା, ୩ ଜଣଙ୍କୁ ୫୦୦୦/-, ୬ ଜଣଙ୍କୁ ୩୦୦୦/- ଓ ୯ ଜଣଙ୍କୁ ୨୦୦୦/- ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାର ଉଭୟ ବର୍ଗରେ ୨୧ ଜଣଙ୍କୁ କୁଲ ୯୭୫୦୦/- ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ଟି ବେଣୁଗୋପାଳ ଓ ବନ୍ଦର ବିଭାଗ ମୁଖ୍ୟ ଓ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ବନ୍ଦର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ବିବରଣୀ ପାଠ କରିଥିବା ବେଳେ ଫୁଟବଲ ଉପଦେଷ୍ଟା ରବି ଦାସ ସ୍ୱାଗତ କରିଥିଲେ। ପରିଶେଷରେ ସମ୍ପାଦକ ଧ୍ରୁନ ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**କେନ୍ଦ୍ରାପଡ଼ା, ୩୧ (ନି.ପ୍ର) :** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୭ନମ୍ବର ଓ୍ୱାର୍ଡର ବଡହାଟ ନିବାସୀ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ହୃଷିକେଶ ସିଂହଙ୍କ ଧର୍ମପତ୍ନୀ ସତ୍ୟଭାମା ସିଂହଙ୍କ ୮୪ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସଂଗ୍ରାମ, ସତ୍ୟବ୍ରତ, ରଞ୍ଜିତଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଜେପି ନେତ୍ରୀ



ଗିତାଞ୍ଜଳୀ ସେଠୀ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ଧିରେନ ଦାସ, ଗୋଲଖ ପରିଡା, ଆଡଭୋକେଟ ସଞ୍ଜୟ ଜେନା, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ ସିଂ, ଗିରିଜା ପ୍ରସାଦ ଦାସ, କିଶୋର ଚନ୍ଦ୍ର ସାହୁ, ମହମ୍ମଦ ଜାହିଦ ଖାନ, ଡାକ୍ତର ପ୍ରଫୁଲ୍ଲ ଦାସ, ଡାକ୍ତର ଧନେଶ୍ୱର ପ୍ରଧାନ, ଡାକ୍ତର ସରୋଜ ତ୍ରିପାଠୀ, ସତ୍ୟପ୍ରିୟ ଦାସ, ସନ୍ତୋଷ ନାୟକ, ଆଦିତ୍ୟ କୁମାର ସାହୁ, ପ୍ରତାପ ମହାପାତ୍ର, କୁଳମଣୀ ମଲ୍ଲିକ, ବନମାଳି ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବଡହାଟସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ଜଣେ ଶ୍ରୀମା ଅରୋବିନ୍ଦଙ୍କ ଭକ୍ତ ହୋଇଥିବାରୁ ତାଙ୍କ ପାଇଁ ପଣ୍ଡିଚେରୀରୁ ନୟନା ବେହେରା ମାଟି ଆଣି ଆସିଥିଲେ। ସ୍ୱର୍ଗତା ସିଂହ ଜଣେ ଧର୍ମ ପରାୟଣା, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରଣପଡାସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ସଂଗ୍ରାମ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡ. ସିପ୍ରା ମଲ୍ଲିକ, ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଦାସତ୍ୱ ମାନସିକତା ଛାଡ଼ି ସ୍ୱାଭିମାନର ସହ ବଢୁଛି ଭାରତ : ଧର୍ମେନ୍ଦ୍ର



ନାଗପୁର,୩୧(ନି.ପ୍ର.): 'ମାକାଉଲେ' ମାନସିକତାରୁ ବାହାରି ନିଜର ସଂସ୍କୃତି ଓ ସ୍ୱାଭିମାନକୁ ଆଗେଇ ନେବାରେ ଆମେ ଅଗ୍ରସର ବୋଲି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାଗପୁର ଗସ୍ତ ଅବସରରେ ବିଭିନ୍ନ ସାମାଜିକ, ଆଧ୍ୟାତ୍ମିକ ଏବଂ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି ।

ଶ୍ରୀ ପ୍ରଧାନ ଏହି ଗସ୍ତକାଳରେ ଭୋନ୍ସଲା ମିଲିଟ୍ରି ସ୍କୁଲର ୨୭ତମ ବାର୍ଷିକୋତ୍ସବରେ ଯୋଗଦେଇ ମାନବସେବା ଓ ରାଷ୍ଟ୍ରନିର୍ମାଣର ସଂକଳ୍ପକୁ ଦୋହରାଇଥିଲେ । ସେ କହିଥିଲେ, ଦେଶକୁ ଦୀର୍ଘ ସମୟ ପରାଧୀନ କରି ରଖିବା ପାଇଁ ବ୍ରିଟିଶ ତଥା ଟି.ବି.ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ୍ଚ କରିବାର ଏକ ପ୍ରକ୍ରିୟା ଥିଲା । ତେବେ ଏହି ଶିକ୍ଷା ନୀତିର ବିକଳ୍ପରେ ଦୀର୍ଘ ୩୪ ବର୍ଷ ପରେ ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ନୂଆ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହୋଇଛି । ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି, ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ ଭାରତର ସ୍ୱାଧୀନ ମାନସିକତାକୁ ବିକାଶ କରିବା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଷ୍ଟ୍ର ପତି ଆନୁଗତ୍ୟକୁ ଜାଗ୍ରତ କରାଇବା ବୋଲି କହିଥିଲେ ।

ସେହିପରି ଶ୍ରୀ ପ୍ରଧାନ ନାଗପୁରସ୍ଥିତ ପବିତ୍ର ଦୀକ୍ଷାଭୂମିରେ ପହଞ୍ଚି ଭାରତ ରତ୍ନ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଶ୍ରୀ ପ୍ରଧାନ । ଏହି ଅବସରରେ ସେ କହିଛନ୍ତି ଯେ, ବାବାସାହେବଙ୍କ ବିଚାର, ସଂଘର୍ଷ ଏବଂ ଦେଶ ପ୍ରତି ଅତୁଳନୀୟ ଅବଦାନ ସର୍ବଦା ପ୍ରେରଣାଦାୟୀ । ସାମାଜିକ ସମରସତା ଏବଂ ନ୍ୟାୟର ପ୍ରତୀକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ବାବାସାହେବଙ୍କ ସହ ଜଡ଼ିତ ସ୍ଥାନଗୁଡ଼ିକୁ 'ପଞ୍ଚତୀର୍ଥ' ଭାବେ ବିକଶିତ କରିଛନ୍ତି । ସେହିପରି ଡକ୍ଟର ଆବାଜୀ ଥାଟ୍‌ତେ ସେବା ଏବଂ ଅନୁସନ୍ଧାନ ସଂସ୍ଥା ଦ୍ୱାରା ପ୍ରତିଷ୍ଠିତ ଅତ୍ୟାଧୁନିକ 'ନ୍ୟାସନାଲ କ୍ୟାନ୍ସର ଇନଷ୍ଟିଚ୍ୟୁଟ୍' (ଏନସିଆଇ) ପରିଦର୍ଶନ କରି ଏହାର କାର୍ଯ୍ୟଧାରାକୁ କେନ୍ଦ୍ରମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଅଳ୍ପ ଖର୍ଚ୍ଚରେ କର୍କଟ ରୋଗୀଙ୍କୁ ମାନବିକ ଓ ସାମଗ୍ରିକ ଚିକିତ୍ସା ଯୋଗାଇ ଦେବାରେ ଏହି ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । କର୍କଟ ଚିକିତ୍ସା, ଅନୁସନ୍ଧାନ ଏବଂ ଶିକ୍ଷା କ୍ଷେତ୍ରରେ ଏହା ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଥିବା ସେ ପ୍ରକାଶ କରିଛନ୍ତି ।

# ବିଡିଓଙ୍କୁ ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ



ରାଜନଗର,୩୧ : କେନ୍ଦ୍ରାପଡ଼ା ଜିଲା ରାଜନଗର ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ଭାଜପା ନେତା ଓ କର୍ମୀମାନେ ଆକ୍ରମଣ ଘଟଣାରେ ଶନିବାର ଦିନତମାମ ବ୍ଲକ ପରିସରରେ ଉତ୍ତେଜନା ଲାଗିରହିଛି । ବିଡିଓଙ୍କୁ ଆକ୍ରମଣ ଘଟଣାକୁ ବିରୋଧ କରି ବିଜେଡି କର୍ମୀମାନେ ଦେବେନ୍ଦ୍ର ଜେନାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ମୋହନ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଜାରି ରଖିଛନ୍ତି ।

ସୂଚନା ଥାଉକି, ଶୁକ୍ରବାର କେତେକ ଭାଜପା କର୍ମୀ ଆମ ସରକାର ଆମ କାମ କର ବୋଲି ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ କହିଥିଲେ । ସେ ସରକାରୀ ନିୟମ ଅନୁସାରେ କାମ ହେବ ବୋଲି କହିବାରୁ ଏଠିକାର ପରାଜିତ ପ୍ରାର୍ଥୀ ଲଳିତ ବେହେରା ତାଙ୍କ କର୍ମୀଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ପଶି ଆତଙ୍କ ଖେଳାଇଥିବା ବିଜେଡି ଅଭିଯୋଗ ଆଣିଛି । ଅପରପକ୍ଷରେ ୬ ମାସ ଭିତରେ ୯ ଜଣ ବିଡିଓଙ୍କ ବଦଳି ହୋଇସାରିଲାଣି

ଉଲ୍ଲେଖନୀୟ ଯେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତରକନିକା ଗସ୍ତରେ ଥିବାବେଳେ ରାଜନଗର ମୁଖ୍ୟ ରାସ୍ତାରେ ବିଜେଡି ପ୍ରତିବାଦ କରିବାରୁ ସେ ସେଠାରୁ ଭୁବନେଶ୍ୱର ଫେରି ଯାଇଥିଲେ ।

# ଦେବାଶିଷ-ରଣେନ୍ଦ୍ରଙ୍କ ପୋଷ୍ଟରରୁ ଶଙ୍ଖ ଗାଏବ




ଭୁବନେଶ୍ୱର,୩୧: ବିଜେଡି ନେତା ଦେବାଶିଷ ସାମନ୍ତରାୟ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନୂଆବର୍ଷ ପୋଷ୍ଟରକୁ ନେଇ ରାଜନୀତିରେ ହଲଚଲ ସୃଷ୍ଟି ହୋଇଛି । ଉଭୟଙ୍କ ପୋଷ୍ଟରରେ ଶଙ୍ଖ ଚିହ୍ନ ନାହିଁ କି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଫଟୋ ନାହିଁ । ଯାହାକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି ।

ଖାଲି ଏତିକି ନୁହେଁ ରଣେନ୍ଦ୍ର କରିଥିବା ବିଭିନ୍ନ ସଭାରେ ବି ଶଙ୍ଖ ଚିହ୍ନ କି ନବୀନଙ୍କର ଫଟୋ ନାହିଁ । ନିର୍ବାଚନ ପରଠୁ ଉଭୟ ନେତା ଦଳୀୟ କାର୍ଯ୍ୟକୁ ନେଇ ଖୁସି ନାହାନ୍ତି । ଅନ୍ୟପକ୍ଷରେ ଦଳୀୟ ପରିଚାଳନାକୁ ନେଇ ଉଭୟ ଅସନ୍ତୋଷ ପ୍ରକାଶ କରି ନବୀନଙ୍କୁ ଚିଠି ମଧ୍ୟ ଲେଖିଥିଲେ । ଏବେ ପୋଷ୍ଟରରୁ ଶଙ୍ଖ ଚିହ୍ନ ଏବଂ ନବୀନଙ୍କ ଫଟୋ ଗାଏବ ହେବା ଦେଖି ଲୋକେ ନାନା କଳ୍ପନାଜଳ୍ପନା ଆରମ୍ଭ କଲେଣି ।

# ଥାନା ଅଧିକାରୀଙ୍କ ଦରମା ବନ୍ଦ

ତିର୍ତ୍ତୋଲ,୩।୧(ନି.ପ୍ର):ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଦେଶ ଅବମାନନା କାରଣରୁ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ କୁମାର ସେଠୀଙ୍କ ଦରମା ବନ୍ଦ କରାଯାଇଛି । ଜଗତସିଂହପୁର ଜିଲାପାଳ, କିଲିପାଳ ବାଲି ସଇରାତରୁ ବେନିୟମ ବାଲି ଉଠାଣ କାରଣରୁ କିଛି ବାଲି ବୋଝେଇ ହାଇୱା ଜବତ କରିଥିଲେ । କେତେକ ଗାଡି ମାଲିକ ସେମାନଙ୍କ ଗାଡି ରିଲିଜ ଲାଗି ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଗାଡି ରିଲିଜ ଲାଗି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । ଥାନା ଅଧିକାରୀ ଏହା ପାଳନ କରି ନ ଥିବାରୁ ତାଙ୍କ ଉପରେ ଜିଲା ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ହେଇଛି ।

# ଗଠନ ହେବ ନୂଆ ଆଞ୍ଚଳିକ ଦଳ : ମୋକିମ

## ମୋକିମଙ୍କୁ ଅତୃପ୍ତ ଆତ୍ମା କହିଲେ ଭକ୍ତ ଦାସ





ଭୁବନେଶ୍ୱର,୩୧(ନି.ପ୍ର.): ଖୁବଶୀଘ୍ର ଗଠନ ହେବ ନୂଆ ଆଞ୍ଚଳିକ ଦଳ । ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବରିଷ୍ଠ ରାଜନେତା ମହମ୍ମଦ ମୋକିମ । ସେ କହିଛନ୍ତି ରାଜ୍ୟରେ ଅନେକ ଯୁବ ନେତୃତ୍ୱଙ୍କୁ ଏକ ବଡ ସୁଯୋଗ ଆବଶ୍ୟକତା ରହିଛି, ସେଥିପାଇଁ ସିଏ ଆମ ସହ ଯୋଗାଯୋଗରେ ଅଛନ୍ତି । ଆମେ ମଧ୍ୟ ଯୁବ ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରୁଛୁ, କାହା ପାଇଁ କେଉଁ ସ୍ଥାନ ଖାଲି ପଡେ ନାହିଁ, କିଏ ନା କିଏ ଏହାକୁ ପୂରଣ କରିଥାନ୍ତି । ରାଜ୍ୟରେ ଅନେକ ଉଦୟମାନ ଯୁବକ ଅଛନ୍ତି ତାଙ୍କୁ କେବଳ ଏକ ସୁଯୋଗର ଆବଶ୍ୟକତା ରହିଛି । ରାଜ୍ୟରେ ଏବେ ବିଜେପି ସରକାର ଏବଂ ବିଜେଡି ଯେଉଁଭଳି ସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏକ ବିକଳ୍ପ ର ଆବଶ୍ୟକତା ରହିଛି ।

ସେହିପରି କଂଗ୍ରେସ ଦଳର ହାଇକମାଣ୍ଡ କୁ ଟାର୍ଗେଟ କରିଛନ୍ତି ମହମ୍ମଦ ମୋକିମ । ସେ କହିଛନ୍ତି ଯିଏ ନିଜକୁ ନିଜେ ତିଆରି କରିଥିବ ତାକୁ ସାଇଡ କରି ଅନ୍ୟ କାହାକୁ ଦାୟିତ୍ୱ ଦେଲେ ସଂଗଠନ ପଛେଇ ଯାଇଥାଏ, ଯାହା କଂଗ୍ରେସ ଦଳରେ ହୋଇଛି । ଯେତେବେଳେ କମଳ ନାଥ ଓଡିଶା ଆସି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଅତିଥ ବୋଲି କହିଥିଲେ ଏବଂ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି କରାଗଲା, ସେତେବେଳ କଂଗ୍ରେସ ଦଳର ଦଉନ ଫଳ ଆରମ୍ଭ ହୋଇଥିଲା । ଆଜି ପର୍ଯ୍ୟନ୍ତ ସେଇ କ୍ଷତିରୁ ଉଠି ପାରୁନାହିଁ କଂଗ୍ରେସ । ସେତେବେଳେ ଯଦି ସୋନିଆ ଗାନ୍ଧୀ ଜାନକୀଙ୍କ ସହ ଆଲୋଚନା କରିଥାନ୍ତେ ତେବେ ଆଜିର ଦିନରେ କଂଗ୍ରେସ ଏଭଳି ସ୍ଥିତି ହୋଇନଥାନ୍ତା । ଦିଲ୍ଲୀ ସୁପ୍ରିମ ମଧ୍ୟ ପିସିସି ସଭାପତି ପଦକୁ ବାରମ୍ବାର ପରିବର୍ତ୍ତନ କରି ରାଜ୍ୟରେ କଂଗ୍ରେସ ଭୋଟ ପ୍ରତିଶତକୁ କମାଇ ଦେଇଛନ୍ତି । ଜାନକୀ ବାବୁ ଆଦର୍ଶରେ କଂଗ୍ରେସ ଦଳ ଚାଲିବା ଆବଶ୍ୟକ, କିନ୍ତୁ ଏହି ଆଦର୍ଶରେ କଂଗ୍ରେସ ଦଳର କୌଣସି ନେତା ଚାଲିବାର ଆନ୍ତରିକତା ମୋତେ ଦେଖାଯାଉନାହିଁ ।ଜବାବରେ ମୋକିମଙ୍କୁ ଅତୃପ୍ତ ଆତ୍ମା କହି ଟାର୍ଗେଟ କରିଛନ୍ତି ପିସିସି ସଭାପତି ଭକ୍ତ ଦାସ । ସେ କହିଛନ୍ତି ଗୋଟିଏ ଦଳରେ ଶୃଙ୍ଖଳିତ ଭାବେ ରହି ପାରିଲେ ନାହିଁ । ଏବେ ନୂଆ ଦଳ ଗଢ଼ିବେ କହୁଛନ୍ତି, କରୁନାହାନ୍ତି, କିଏ ମନା କରୁଛି ।ସେ ଜଣେ ଅତୃପ୍ତ ଆତ୍ମା, ମହାପ୍ରଭୁ ତାଙ୍କୁ ସାହା ହୁଅନ୍ତୁ ବୋଲି ଭକ୍ତ କହିଛନ୍ତି ।

# ଇସିଏମଏସ ଯୋଜନାରେ ୨୨ ପ୍ରସ୍ତାବକୁ ସରକାରଙ୍କ ମଞ୍ଜୁରି



ନୂଆଦିଲ୍ଲୀ,୩୧(ନି.ପ୍ର.): ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନା (ଇସିଏମଏସ) ଅଧୀନରେ ଆହୁରି ୨୨ଟି ପ୍ରସ୍ତାବକୁ ଅନୁମୋଦନ କରିଛି । ଏହାଦ୍ୱାରା ୪୧,୮୬୩ କୋଟି ଟଙ୍କା ନିବେଶ ସହିତ ୨,୫୮,୧୫୨ କୋଟି ଟଙ୍କା ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି । ଏହି ଅନୁମୋଦନ ଆନୁମାନିକ ୩୩,୭୯୧ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏଥିପୂର୍ବରୁ ମନ୍ତ୍ରଣାଳୟ ୧୨,୭୦୪ କୋଟି ଟଙ୍କାର ୨୪ଟି ପ୍ରକଳ୍ପକୁ ମଞ୍ଜୁର କରିଥିଲା ।

ଏହି ଅନୁମୋଦନଗୁଡ଼ିକ ମଧ୍ୟରେ ୧୧ଟି ଲକ୍ଷ୍ୟ ଆଧାରିତ କ୍ଷେତ୍ର ଉପାଦର ନିର୍ମାଣ ସାମିଲ ରହିଛି । ଏସବୁ ସାମଗ୍ରୀ ମୋବାଇଲ୍ ଉତ୍ପାଦନ, ଦୂରସଞ୍ଚାର, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ରଣନୀତିକ ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇଟି ହାର୍ଡୱେର୍ ଉତ୍ପାଦ ବିଭିନ୍ନ କ୍ଷେତ୍ରରେ ପ୍ରୟାସ କରାଯିବ । ଏସବୁ ୧୧ଟି ଉତ୍ପାଦଗୁଡିକ ହେଲା: ପିସିବି, କାପାସିଟର, କନେକ୍ଟର, ଏନକ୍ଲୋଜର୍ ଏବଂ ଲି-ଆୟନ ସେଲ ଭଳି ୫ଟି ଉପାଦାନ । କ୍ୟାମେରା ମଡ୍ୟୁଲ, ଡିସପ୍ଲେ ମଡ୍ୟୁଲ ଏବଂ ଅପ୍ଟିକାଲ ଟ୍ରାନ୍ସିଭର ଭଳି ୩ଟି ସବ୍ ଆସେମ୍ବ୍ଲି, ଆଲୁମିନିୟମ ଏକ୍ସଟ୍ରର୍ସନ, ଆନୋଡ୍ ମ୍ୟାଟେରିଆଲ ଏବଂ ଲାମିନେଟ୍ (କପର୍ କ୍ଲାଡ୍) ଭଳି ୩ଟି ସପ୍ଲାଇ ଚେନ୍ ।

ଇଲେକ୍ଟ୍ରୋନିକ୍ସ ଉପକରଣ ଉତ୍ପାଦନ ଯୋଜନାରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟଗୁଡିକ ଆନ୍ଧ୍ରପ୍ରଦେଶ, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ ପ୍ରତିଷ୍ଠା କରାଯିବ । ଭୌଗଳିକ ଭାବେ ସନ୍ତୁଳିତ ଶିଳ୍ପ ବିକାଶ ଏବଂ ସାରା ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନର ବିସ୍ତାର ପ୍ରତି ଧ୍ୟାନ ଦେଇ ସରକାର ରାଜ୍ୟଗୁଡିକୁ ଚୟନ କରିଛନ୍ତି । ସଦ୍ୟତମ ପର୍ଯ୍ୟାୟ ଅନୁମୋଦନ ସହିତ ବର୍ତ୍ତମାନ ସୁଦ୍ଧା ୧୧ଟି ରାଜ୍ୟରେ ଇସିଏମଏସ ଯୋଜନା ଅଧୀନରେ ୪୬ଟି ଆବେଦନକୁ ମଞ୍ଜୁରି ମିଳିସାରିଛି । ଏହାଦ୍ୱାରା ୫୪,୫୬୭ କୋଟି ଟଙ୍କା ନିବେଶ ସହିତ ୫୧,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି କାର୍ଯ୍ୟକ୍ରମ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମକୁ ମଜବୁତ କରିଛି । ଫଳରେ ଘରୋଇ ଚାହିଦାର ଏକ ବଡ଼ ଅଂଶ ସ୍ୱଦେଶୀ ଭାବରେ ପୂରଣ ହୋଇପାରିବ । ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ବିଷୟରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଥିଲେ, ୨୦୪୭ ବେଳକୁ ଭାରତରେ ଏକ ଯୁବ ଜନସଂଖ୍ୟା ରହିଥିବ । ଅନ୍ୟପଟେ ଅନେକ ଅନ୍ୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ବନ୍ଦ ହୋଇଯାଇଥିବ । ସେ ଆହୁରି ମଧ୍ୟ କହିଥିଲେ, ଭାରତ ଏକମାତ୍ର ଅର୍ଥବ୍ୟବସ୍ଥା ହେବ ଯାହା ୨୧୦୦ ପର୍ଯ୍ୟନ୍ତ ଅଭିବୃଦ୍ଧି ଜାରି ରଖିବ ଏବଂ ତେଣୁ ସମସ୍ତ ଢାଞ୍ଚାଗତ ଭିତ୍ତିଭୂମି ସ୍ଥାପନ କରିବା ଗୁରୁତ୍ୱପୂର୍ଣ୍ଣ, ଯାହା ଦ୍ୱାରା ଅଭିବୃଦ୍ଧି ଜାରି ରହିବ ।ଏହି ଅନୁମୋଦନଗୁଡ଼ିକ ଘରୋଇ ଯୋଗାଣ ଶୃଙ୍ଖଳାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିବ । ଗୁରୁତ୍ୱପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ଉପାଦାନ ପାଇଁ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ ଏବଂ ଭାରତରେ ଉଚ୍ଚ-ମୂଲ୍ୟର ଉତ୍ପାଦନ କ୍ଷମତାର ଅଭିବୃଦ୍ଧିକୁ ସମର୍ଥନ କରିବ ।

ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନା ଅଧୀନରେ ଏହି ଅନୁମୋଦନଗୁଡ଼ିକ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଯାତ୍ରାରେ ଏକ ସାହସିକ, ଭବିଷ୍ୟତମୁଖୀ ପଦକ୍ଷେପକୁ ପ୍ରତିଫଳିତ କରେ, ଯାହା ଭାରତକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ସହିତ ଘନିଷ୍ଠ ଭାବରେ ସମନ୍ୱିତ ।

# ଲାଗିବ ସ୍ମାର୍ଟ ମିଟର, ଆସିଲା ଗାଇଡଲାଇନ୍

ଭୁବନେଶ୍ୱର: ଲୋକଙ୍କ ଘରେ ଏବେ ସ୍ମାର୍ଟ ମିଟର ଲାଗିବ, ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡଲାଇନ ଆଣିଛି ଶକ୍ତି ବିଭାଗ । ରାଜ୍ୟ ସରକାର ୭୩୫କୋଟି ଟଙ୍କାର ଏକକାଳୀନ ଅନୁଦାନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦୁଇ କିଲୋୱାଟ ପର୍ଯ୍ୟନ୍ତ ଥିବା ୮ଲକ୍ଷ ୭୫ହଜାର ମିଟରକୁ ବଦଳାଇ ସ୍ମାର୍ଟ ମିଟର ଲଗାଯିବ । ଏହି ବାବଦକୁ ଖର୍ଚ୍ଚ ହେବ ୩୪୦କୋଟି ଟଙ୍କା । ସେହିପରି ୨ଲକ୍ଷ ୭୮ହଜାର ୧୦୦ ଉପଭୋକ୍ତା ନୂଆ ସଂଯୋଗରେ ସ୍ମାର୍ଟ ମିଟର ଲଗାଇବା ପାଇଁ ୮୮କୋଟି ଟଙ୍କା ଖର୍ଚ୍ଚ ହେବ । ମାର୍ଚ୍ଚ ୨୦୨୫ ପୂର୍ବରୁ ସ୍ମାର୍ଟ ମିଟର ଲଗାଇ ସାରିଥିବା ଉପଭୋକ୍ତାଙ୍କୁ ମିଟର ଭଡା ବାବଦକୁ ୩୦୭କୋଟି ଟଙ୍କା ବହନ କରିବେ ସରକାର । ତେବେ ଏହି ସ୍ମାର୍ଟ ମିଟର ଓଡିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନରେ ରହିବ ।

# ଦୂତିଙ୍କ କାର୍ ଦୁର୍ଘଟଣାଗ୍ରସ୍ତ



କଟକ,୩୧ : ଶିଢ଼ରାଣୀ ଦୂତି ଚାନ୍ଦଙ୍କ କାର୍ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି । ସେ ତାଙ୍କ ପରିବାର ସହ ଆସୁଥିବାବେଳେ କଟକର ତ୍ରିଶୂଳିଆ ବ୍ରିଜ୍ ନିକଟରେ କାର୍ ଦୁର୍ଘଟଣାର ଶିକାର ହୋଇଥିଲା । ତାଙ୍କର କାର୍‌ର ଚକା ହଠାତ୍ ଫାଟିଯିବାରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ନିର୍ମାଣାଧୀନ ଡିଭାଇଡରରେ ପିଟି ହୋଇଯାଇଥିଲା । କାର୍‌ର ଅଗ୍ରଭାଗ ଭାଙ୍ଗିରୁଜି ଯାଇଛି । ତେବେ ସୌଭାଗ୍ୟବଶତଃ ଦୂତି ଏବଂ ତାଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

# ୧୮ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,: ନକ୍ସଲ ମୂଳପୋଛ ନେଇ ଟାର୍ଗେଟ ଆଉ ମାତ୍ର ତିନି ମାସ ରହିଲା । ଏଥିପୂର୍ବରୁ ନୂଆବର୍ଷର ପ୍ରଥମ ସପ୍ତାହରେ ହିଁ ତେଲେଙ୍ଗାନା ପୁଲିସକୁ ମିଳିଛି ବଡ ସଫଳତା । ଦୁଇ ଦୁର୍ଦ୍ଦାନ୍ତ ନକ୍ସଲ ସମେତ ୧୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଏଥିସହ ପିଏଲଜିଏର ୪୮ଟି ହତିଆରକୁ ମଧ୍ୟ ପୁଲିସ ନିକଟରେ ପ୍ରଦାନ କରିଛନ୍ତି । ଯାହା ବଡ ସଫଳତା ବୋଲି କୁହାଯାଇଛି ।ନକ୍ସଲ ସଂଗଠନର ପିଏଲଜିଏ ବାଟାଲିୟନର କମାଣ୍ଡର ବାଡସେ ସୁକ୍କା ଓରଫ ଦେବା, ପିଏଲଜିଏର ଡେପୁଟି କମାଣ୍ଡର ଆଭୁଲମ ସୋମା, କମାଣ୍ଡର ଶ୍ରୀକାନ୍ତ, ପାର୍ଟି ମେମ୍ବର କ୍ରିଷ୍ଣା, ପାର୍ଟି ମେମ୍ବର ମାଡକମ ଲାକ୍କେ, ପାର୍ଟି ମେମ୍ବର କାର୍ତ୍ତାମ ଜଗା, ପାର୍ଟି ମେମ୍ବର ମାଡବୀ ଆନ୍ଦୁ, ପାର୍ଟି ମେମ୍ବର ମାଡକମ ଭୀମେ, ପାର୍ଟି ମେମ୍ବର କୁଞ୍ଜାମ ଚଟ୍ଟା, ପାର୍ଟି ମେମ୍ବର ମାଡକମ ଆନ୍ଦା, ଷ୍ଟେଟ କମିଟି ମେମ୍ବର କେ ରାଜି ରେଡ୍ଡୀ ଓରଫ ଭେଙ୍କଟେଶ, ଡିଭିସିଏମ ଆଦୁରି ଈଶ୍ୱରୀ, ଅର୍ବାନ ପାର୍ଟି ମେମ୍ବର ଦାରା ସାରଲା, ପିପିସିଏମ କୁଞ୍ଜାମ ଭୀମେ, ଏସିଏମ ମାଡବୀ କୋସି, ଡିସିଏମ ଭେମୁଲା ରାଜୁ, ଏସିଏମ ପଡିଆମ ଚଇତେ, ଏସିଏମ ପୁନେମ ଭୀମା, ଏସିଏମ ମାଡକମ ଜିତୁ ଏବଂ ଏସିଏମ ପୁଲସାମ ମାଙ୍କୁ ।

ଆତ୍ମସମର୍ପଣ ନକ୍ସଲ ଏଲଏମଜି ଦୁଇଟି, ୟୁଏସ ତିଆରି ରାଇଫଲ ଗୋଟିଏ, ଇଜରାଇଲ ରାଇଫଲ ଗୋଟିଏ, ଏକେ-୪୭ ବନ୍ଧୁକ ୮ଟି, ଇନସାସ ରାଇଫଲ ୧୦ଟି, ଏସଏଲଆର ୮ଟି, ବିଜିଏଲ ୪ଟି, ସିଙ୍ଗଲ ସଟ ବନ୍ଧୁକ ୧୧ଟି, ଗ୍ରେନେଡ୍‌ ୨ଟି, ଏୟାର ଗନ ଗୋଟିଏ । ମୋଟ ୪୮ଟି ବନ୍ଧୁକ ପୁଲିସ ନିକଟରେ ପ୍ରଦାନ କରାଯାଇଛି । ସେହିପରି ନକ୍ସଲମାନେ ୨୦ ଲକ୍ଷ ୩୦ ହଜାର ଟଙ୍କା ପୁଲିସକୁ ହସ୍ତାନ୍ତର କରିଛନ୍ତି । ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି । ଏଥିସହ ସରକାରଙ୍କର ସମସ୍ତ ସୁବିଧା ସୁଯୋଗ ମଧ୍ୟ ପ୍ରଦାନ କରାଯିବ ।

# ପଥୋତ୍ସବ ପାଇଁ କଟକଣା

ଭୁବନେଶ୍ୱର,୩୧ : ପଥ ଉତ୍ସବ ପାଇଁ ଭବନେଶ୍ୱର ରାସ୍ତାରେ ଟ୍ରାଫିକ କଟକଣା । ମାଷ୍ଟରକ୍ୟାଣ୍ଟିନରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ଗାଡ଼ିଚଲାଚଳ ବନ୍ଦ । ଆସନ୍ତାକାଲି ରାଜଧାନୀରେ ପଥ ଉତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ରାଜଧାନୀ ରାସ୍ତାରେ ଟ୍ରାଫିକ କଟକଣା ଲାଗୁ କରାଯାଇଛି । ଆଜି ରାତି୧୧ଟାରୁ ଆସନ୍ତାକାଲି ସକାଳ ୧୧ଟା ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି । କମିସନରେଟ ପୁଲିସ ଏହି କଟକଣା ଲାଗୁ କରିଛି । କଟକଣା ଅନୁସାରେ ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଟ୍ରାଫିକ କଟକଣା ରହିବ । ଏହି ସମୟରେ ଉକ୍ତ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଉକ୍ତ ରାସ୍ତା ବ୍ୟବହାର ନକରିବାକୁ କମିସନରେଟ ପୁଲିସ ପରାମର୍ଶ ଦେଇଛନ୍ତି ।

# ୨୮ ନୂଆ ଏନ୍ଏସି ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୩୧(ନି.ପ୍ର.); ୨୮ଟି ନୂଆ ଏନ୍ଏସି ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ସମସ୍ତ ବିଡିଓଙ୍କୁ ପ୍ରଶାସନିକ ଅଧିକାରୀ ଦାୟିତ୍ୱ ଦିଆଯାଇଛି । ନୂଆ ଏନ୍ଏସି ପାଇଁ ଅନୁଦାନ ପ୍ରଦାନ କରାଯାଇଛି । ନୂଆ କାର୍ଯ୍ୟାଳୟ ନିର୍ମାଣରେ ଖର୍ଚ୍ଚ ହେବ ୬ କୋଟି । ରାସ୍ତା ପାଇଁ ୫୦ ,ଲାଇଟ୍ ପାଇଁ ୫୦ ଲକ୍ଷ ଟଙ୍କା ଅଟକଳ ହୋଇଛି । କାମ ଆରମ୍ଭ ପାଇଁ ୧.୫ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରାଯିବା ନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୮ଟି ନୂଆ ଏନ୍ଏସି, ୭ଟି ନୂଆ ମୁନସିପାଲଟି ଘୋଷଣା କରିଥିଲେ । ୨ ରୁ ୩ ମାସ ଭିତରେ କଥା ଦେଇ କଥା ରଖିଛନ୍ତି ମୁଖ୍ୟମନ୍ତ୍ରୀ । ଡିସେମ୍ବର ୩୧ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଘୋଷଣା କରିଥିବା ୨୮ ଯାକ ଏନଏସି ଅନୁଗୋଳର ପାଲହଡା, ବଲାଙ୍ଗୀରର ଲୋଇସିଙ୍ଗା, ବାଲେଶ୍ୱରର ଶମୁଳିଆ ଏବଂ ବସ୍ତା, ବରଗଡର ତିହିରି ଏବଂ ଧୁସୁରି, ଯାଜପୁରର ଚଣ୍ଡିଖୋଲ ପରି ୨୮ଟି ଏନଏସି ଫାଇନାଲ ନୋଟିଫିକେସନ ହୋଇଛି । ସମସ୍ତ ବିଡିଓଙ୍କୁ ଦିଆଯାଇଛି ପ୍ରଶାସନିକ ଅଧିକାରୀ ଦାୟିତ୍ୱ ଦିଆଯାଇଛି । ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ । ନୂଆ ଏନଏସି ଅଫିସ୍ ତିଆରି ପାଇଁ ମଡେଲ ପ୍ରସ୍ତୁତ ହୋଇଛି । ସବୁ ଏନଏସିରେ ୬ କୋଟି ଟଙ୍କାର ଗୋଟିଏ ଲେଖାଏଁ ଅଫିସ୍ ନିର୍ମାଣ ହେବ । ରାସ୍ତା ପାଇଁ ୫୦ ,ଲାଇଟ୍ ପାଇଁ ୫୦ ଲକ୍ଷ ଟଙ୍କା ଅଟକଳ ହୋଇଛି । ସ୍ୱଚ୍ଛତା ପାଇଁ ୧.୫ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରାଯିବ । ଏହାପରେ ଡିପିଆର ପ୍ରସ୍ତୁତ କରିବାକୁ କମିଟି ନିଷ୍ପତ୍ତି ନେଇଛନ୍ତି । ଯାହା ଦରକାର ପଡିବ ଏକ ମଡେଲ ଏନଏସି ନିର୍ମାଣ ହେବ ।

# ୮ କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର,୩୧(ନି.ପ୍ର.): ପୁଣି ଭବନେଶ୍ୱର ବିମାନବନ୍ଦରରୁ ମାରିଜୁଆନା ଜବତ । ଜବତ ମାରିଜୁଆନାର ମୂଲ୍ୟ ୮କୋଟି ହେବ ବୋଲି ଅନୁମାନ କରାଯାଉଛି । ପୁଣି ଭୁବନେଶ୍ୱର ସହରକୁ ମାରିଜୁଆନା ଚାଲାଣ ସମୟରେ ଧରିଲା ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଜଣେ ଯାତ୍ରୀଙ୍କ ପାଖରୁ ମାରିଜୁଆନା ଜବତ ହୋଇଛି । ଜବତ ମାରିଜୁଆନାର ମୂଲ୍ୟ ପ୍ରାୟ ୮କୋଟି ହେବ ବୋଲି ଅନୁମାନ କରାଯାଉଛି । ଜଣେ ଯାତ୍ରୀଙ୍କ ଠାରୁ ଏହି ମାରିଜୁଆନା ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଜବତ କରିଛି । ଯାତ୍ରୀ ଜଣକ ନିଜ ଲଗେଜରେ ୮କେଜିର ମାରିଜୁଆନା ଆଣି ଆସୁଥିଲେ । ବ୍ୟାଙ୍କକରୁ ଏହି ମାରିଜୁଆନା ଆସୁଥିବା ସୂଚନା ମିଳିଛି । ମାତ୍ର ୫ଦିନରେ ୩ଥର ସମାନ ପରିସ୍ଥିତି ଦେଖିବାକୁ ଦେଖିବାକୁ ମିଳିଛି । ଗତ ଡିସେମ୍ବର ୩୦ ଏବଂ ୩୧ ତାରିଖରେ ମଧ୍ୟ ଧାରା ହୋଇଥିଲା ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ